**ଜଙ୍ଗଲରୁ ଗଛ କାଟିବା ଅଭିଯୋଗରେ ୨ ଜୁଆଙ୍ଗ ଗିରଫ**

କାଳିଆପାଣି, (ଡି.ଏନ.ଏ.): ପୋଡ଼ଚାଷ ପାଇଁ ଜଙ୍ଗଲରୁ ଗଛ କାଟିବା ଅଭିଯୋଗରେ ନଗଡ଼ାର ଦୁଇ ଜୁଆଙ୍ଗଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତଳ ନଗଡ଼ାର ଗମ୍ଭା ପ୍ରଧାନ ଓ ମଙ୍ଗୁଲୁ ପ୍ରଧାନ। ଉଭୟ ପୋଡ଼ ଚାଷ ପାଇଁ ମହାଗିରୀ ସଂରକ୍ଷିତ ଜଙ୍ଗଲରେ ଗଛ କାଟି ଚାଷ ଉପଯୋଗୀ କ୍ଷେତ୍ର ପ୍ରସ୍ତୁତ କରୁଥିଲେ। ଖବର ପାଇ ରାଁସୋଳ ଫରେଷ୍ଟ ସେକ୍ସନର ବନପାଳ ନରେଶ ଟୁଡୁ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲେ। ଉଭୟଙ୍କୁ ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ କୋର୍ଟକୁ ଚାଲାଣ କରାଯାଇଛି। ଚଢ଼ାଉରେ ବନରକ୍ଷୀ ଇପ୍‌ସିତ ରାୟ, ଗଙ୍ଗାଧର ମୁର୍ମୁ ଓ ଫରେଷ୍ଟ ସ୍କ୍ୱାଡ୍ ସଦସ୍ୟମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଧର୍ମଗୁଳାରେ ଜିତିଲେ ନରସିଂହପୁର ନାଏବ ସରପଞ୍ଚ



ଡେରାବିଶ,୨।୪(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ନରସିଂହପୁର ଗ୍ରାମ ପଞ୍ଚାୟତର ସ୍ଥଗିତ ରହିଥିବା ନାଏବ ସରପଞ୍ଚ ନିର୍ବାଚନ ଶନିବାର ଶେଷ ହୋଇଛି। ଏହି ନିର୍ବାଚନରେ ୧୦ନଂ. ୱାର୍ଡ଼ସଭ୍ୟା ନଳିନୀ ପ୍ରଭା ସେଠୀ ଧର୍ମଗୁଳାରେ ନାଏବ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ସୂଚନା ଅନୁଯାୟୀ, ମାର୍ଚ୍ଚ ୧୧ରେ ବ୍ଲକ ଅଧୀନ ୨୬ ପଞ୍ଚାୟତର ନାଏବ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ୨୫ ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଥିଲା। ମାତ୍ର ୧୫ ୱାର୍ଡ଼ ବିଶିଷ୍ଟ ଏହି ପଞ୍ଚାୟତରେ ନାଏବ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୯ନଂ. ୱାର୍ଡ଼ ସଭ୍ୟ ମନସ୍ୱିନୀ ରାଉତ ଓ ୧୦ ନଂ. ୱାର୍ଡ଼ ସଭ୍ୟ ନଳିନୀ ପ୍ରଭା ସେଠୀଙ୍କ ସପକ୍ଷରେ ସମାନ ସଂଖ୍ୟକ ଭୋଟଦାନ ହୋଇଥିବାରୁ ଧର୍ମଗୁଳାର ସାହାଯ୍ୟ ନିଆଯାଇଥିଲା। ମାତ୍ର ଏହାକୁ ନେଇ ଉଭୟ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ଯୋଗୁ ବ୍ଲକ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବିଡ଼ିଓ ଗୋପବନ୍ଧୁ ଭୋସଗାର ନିର୍ବାଚନକୁ ସ୍ଥଗିତ ରଖିଥିଲେ। ଶନିବାର ଧର୍ମଗୁଳା ଯୋଗେ ନଳିନୀପ୍ରଭାଙ୍କୁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଦୁଲାଶିଷ ଗୁପ୍ତା ବିଜୟୀ ଘୋଷଣା କରିଛନ୍ତି।

### କନିଷ୍ଠ ଯନ୍ତ୍ରୀଙ୍କୁ ପିଟିଲେ ଲୋକେ

**ବେଆଇନ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା କଳା ହେଲା**

ମାର୍ଶାଘାଇ,୨।୪(ଡି.ଏନ.ଏ.): ଶନିବାର ସନ୍ଧ୍ୟାରେ ମାର୍ଶାଘାଇ ବ୍ଲକ ଅଧୀନ ଆଠବାଟିଆ ଗ୍ରାମରେ ବେଆଇନ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ କେନ୍ଦ୍ର ଜଣେ କନିଷ୍ଠ ଯନ୍ତ୍ରୀ ଓ ତାଙ୍କ ସହଯୋଗୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଗାଁରେ ମିନା ବଜାର ଚାଲୁଥିଲା। ବିନା ଅନୁମତିରେ ସେହି ମିନାବଜରକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ଏସଂକ୍ରାନ୍ତରେ ଖବର ପାଇବା ପରେ ଲୁଣା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ବଳ ଓ ସହଯୋଗୀ ଘଟଣାସ୍ଥଳକୁ ଯାଇ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏହା ଦେଖି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ବଳ ଓ ତାଙ୍କ ସହଯୋଗୀଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ବଳଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ଏବେ ମୁଁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛି। ଆକ୍ରମଣକାରୀଙ୍କ ବିରୋଧରେ ମାର୍ଶାଘାଇ ଥାନାରେ ଅଭିଯୋଗ କରିବି ବୋଲି ସେ କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୪ ପ୍ରତିଶତ କାମ

**କେନ୍ଦ୍ରାପଡ଼ା ଜିଲା**

- ବର୍ଷ ଆରମ୍ଭରୁ ଜିଲାରେ ୬୫,୬୪୩ ପ୍ରକଳ୍ପ
- ମାର୍ଶାଘାଇରେ ୧୫୫୪ଜଣଙ୍କୁ ମିଳିନି ଆବାସ ମରାମତି ଅର୍ଥ

କେନ୍ଦ୍ରାପଡ଼ା ଅଫିସ, ୨।୪

ମାର୍ଚ୍ଚ ୩୧ରେ ୨୦୨୧– ୨୨ ଆର୍ଥିକ ବର୍ଷ ସରିଛି। ଏହି ଆର୍ଥିକ ବର୍ଷରେ ଜିଲାର ମାତ୍ର ୩.୯୬ ପ୍ରତିଶତ ପ୍ରକଳ୍ପ ସାରିବାକୁ ଜିଲା ପ୍ରଶାସନ ସକ୍ଷମ ହୋଇଛି। ଫଳରେ ୨୦୨୨–୨୩ ଆର୍ଥିକ ବର୍ଷ ଆରମ୍ଭରେ ଜିଲା ପ୍ରଶାସନ ପାଇଁ ୬୫,୬୪୩ଟି ପ୍ରକଳ୍ପ ସାରିବାକୁ ଚାପ ପଡ଼ିଛି। ଗୋଟିଏ ପକ୍ଷେ କେନ୍ଦ୍ରାପଡ଼ା ଜିଲାର ଦାଦନ ସମସ୍ୟା ବଢ଼ି ଚାଲିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଶ୍ରମିକଙ୍କ କର୍ମ ନିଯୁକ୍ତି ଯୋଜନା ଫସର ଫାଟିଛି ବୋଲି ବହୁ ବୁଦ୍ଧିଜୀବୀ ଆପତ୍ତି ଉଠାଇଛନ୍ତି।

ଏସମ୍ପର୍କରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ କୁମାର ମହାନ୍ତି, ତ୍ରିଲୋଚନ ବେହେରା, ପବିତ୍ର କୁମାର ପାଣି, ନିରଞ୍ଜନ ପରିଡ଼ା, ପ୍ରକାଶ କୁମାର ଦାସ ପ୍ରମୁଖ କହିଛନ୍ତି, ଏହି ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। କର୍ମ ନିଯୁକ୍ତି ପାଇଁ ଜିଲା ବାହାରକୁ ଯିବାକୁ ପଡୁଛି। ଦାଦନ ଯନ୍ତ୍ରଣା ନେଇ ବାରମ୍ବାର ଖବରକାଗଜରେ ପୃଷ୍ଠାମଣ୍ଡନ କରୁଛି। ଏହାବ୍ୟତୀତ କରୋନା ସଂକ୍ରମଣ ଆରମ୍ଭରୁ ଜିଲାକୁ ବହୁ ପ୍ରବାସୀ ଫେରିଛନ୍ତି। ଏହି ଲୋକସମ୍ବଳକୁ ବିନିଯୋଗ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏକ ଉପଯୁକ୍ତ ମାଧ୍ୟମ। ତେବେ ପ୍ରଶାସନର ଅସହଯୋଗ ପ୍ରକଳ୍ପ ସାରିବାରେ ବ୍ୟତିକ୍ରମ ସୃଷ୍ଟି କରିଛି। ଏହି ଯୋଜନାରେ ୨୦୧୯– ୨୦ ଆର୍ଥିକ ବର୍ଷରେ କେର୍ଡ଼ ପରିମାଣର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲା। ଏହି ବର୍ଷରେ ମୋଟ ୬୭୫୯୮ରୁ ୬୫୭୦୬ଟି ପ୍ରକଳ୍ପ ସାରି ୯୭.୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିଲା। ତେବେ ୨୦୨୦– ୨୧ ଆର୍ଥିକ ବର୍ଷରେ ଏହି ଯୋଜନାର ଲକ୍ଷ୍ୟ ହ୍ରାସ ପାଇଥିଲା। ଏହି ଆର୍ଥିକ ବର୍ଷରେ ମାତ୍ର ୨୮.୩୯ ପ୍ରତିଶତ ପ୍ରକଳ୍ପ ସାରିଥିବା ବେଳେ ଗତ ୨୦୨୧– ୨୨ ଆର୍ଥିକ ବର୍ଷରେ ଧାର୍ଯ୍ୟ ପ୍ରକଳ୍ପ ମଧ୍ୟରୁ ମାତ୍ର ୩.୯୬ ପ୍ରତିଶତ କାର୍ଯ୍ୟ ସରିଛି। ୨୦୨୧–୨୨ ଆର୍ଥିକ ବର୍ଷରେ ୧୧୮୨୦ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମାତ୍ର ୪୬୮ଟି କାର୍ଯ୍ୟ ଶେଷ ହୋଇଛି। ଏହି ଜିଲାରେ ୩,୧୮,୯୮୨ଟି ହାଉସହୋଲଡ କାର୍ଡ ପ୍ରଦାନ କରାଯାଇଛି। ଜିଲାର ୭,୯୫,୭୧୧ ଜଣ ଏହି କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ପାଇଁ ସାମିଲ ହୋଇଛନ୍ତି। ସେହିପରି ୨୦୨୨– ୨୩ ଆର୍ଥିକ ବର୍ଷ ପାଇଁ ୨୨୦୫୩ଟି ଚାଲୁ ପ୍ରକଳ୍ପ ସାରିବାକୁ ଅଛି। ଏଥିସହ ୨୫୦୫୫ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ୧୮,୫୩୫ଟି ପ୍ରକଳ୍ପ ମଞ୍ଜୁରୀ ଅପେକ୍ଷାରେ ଅଛି। ଯୋଜନାର ଠିକ କାର୍ଯ୍ୟକାରିତା କର୍ମ ନିଯୁକ୍ତି ସମସ୍ୟା ଦୂର କରିବା ସହିତ ଜିଲାର ଉନ୍ନୟନ କାର୍ଯ୍ୟ ଆଗେଇ ପାରିବ। ତେବେ ଏହି ଯୋଜନାରେ ଲୋକଙ୍କ ସହ ଖେଳ ହେଉଛି। ଉଦାହରଣ ଦେଇ ସେମାନେ କହିଛନ୍ତି, ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଘର ମରାମତି ପାଇଁ ୩ ହଜାର ଓ ଆଗାମୀ ତାଲିକାଭୁକ୍ତ ହିତାଧିକାରୀଙ୍କ ପାଇଁ ୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ମାର୍ଶାଘାଇ ବ୍ଲକରେ ମୋଟ ୫୪୯୮ ଜଣ ହିତାଧିକାରୀଙ୍କୁ ଏହି ଅନୁଦାନ ଅର୍ଥ ମିଳିବାକୁ ଥିବା ବେଳେ ମାତ୍ର ୩୯୪୪ ଜଣଙ୍କୁ ଏହି ଅର୍ଥ ମିଳିଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ମିଳିଛି। ଅବଶିଷ୍ଟଙ୍କୁ ଏହି ଅନୁଦାନ ଅର୍ଥ ନ ମିଳିବା ଏବେ ଆବାସ ଯୋଜନା ଉପରେ ପ୍ରଶ୍ନ ଉଠାଇଛି। ଉନ୍ନୟନ ପ୍ରକଳ୍ପକୁ ଗୁରୁତ୍ୱ ନଦେବା ଓ ଲୋକ ସମ୍ବଳକୁ ବିନିଯୋଗ ନକରିବା ପଛରେ ଢେଁ କାରଣ ରହିଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତିଯେ, ନିର୍ବାଚନ କଟକଣା ଓ ଅନ୍ୟ କେତେକ କାରଣରୁ ଯୋଜନା ପ୍ରଭାବିତ ହୋଇଛି। ତେବେ ଗତ ଆର୍ଥିକ ବର୍ଷର ସର୍ବଶେଷ ରିପୋର୍ଟ ପହଞ୍ଚ ନ ଥିବାରୁ କାର୍ଯ୍ୟ ପ୍ରତିଶତ କମ ଉଲ୍ଲେଖ ହୋଇଛି।

### ଗୋଲାପ, ଚକୋଲେଟ ଦେଇ ଟ୍ରାଫିକ୍ ସଚେତନତା

ରାଜନଗର,୨।୪(ଡି.ଏନ.ଏ.)

ରାଜନଗର ବ୍ଲକର ଜନଗହଳି ପୂର୍ଣ୍ଣ ଆଇସିଆଇସିଆଇ ବ୍ୟାଙ୍କ ଛକରେ ସ୍ପିଡ୍ ବ୍ରେକର ସହିତ ଟ୍ରାଫିକ୍ ପୋଷ୍ଟରେ ଲାଗୁଥିବା ରେଡଲାଇଟ ଲଗାଯାଇଛି। ନୂତନ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯାଇଛି। ଗାଡ଼ି ଚାଳକମାନେ ଯେପରି ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବେ, ଦ୍ରୁତଗତିରେ ଗାଡ଼ି ଚାଳନା କରିବେ ନାହିଁ ସେଥିପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ହେଲମେଟ ପିନ୍ଧି ମୋଟର ସାଇକେଲ ଚଳାଇବାକୁ ସଚେତନ କରାଯାଇଛି। ଶନିବାର ରାଜନଗର ସରପଞ୍ଚ ସୁଶ୍ରୀସଙ୍ଗୀତା ମିଶ୍ର, ସବ୍‌ଇନ୍ସପେକ୍ଟର ବିଭୂ ପ୍ରସାଦ ରାଉତ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୀୟ ରଞ୍ଜନ ସିହ୍ନା, କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ନୂତନ ଟ୍ରାଫିକ ପୋଷ୍ଟ ନିକଟରେ ରହି ଗାଡ଼ି ଚାଳକମାନଙ୍କୁ ଗୋଲାପ ଫୁଲ ଓ ଚକ୍‌ଲେଟ ଦେଇ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବାକୁ ସଚେତନ କରିଥିଲେ।

### ହଂସୁଆକଳା ପ୍ରତିଷ୍ଠାନର ବାର୍ଷିକୋତ୍ସବ

ରାଜନଗର,୨।୪(ଡି.ଏନ.ଏ.)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାପୀଠରେ ଜିଲାର ଅଗ୍ରଣୀ ହଂସୁଆକଳା ପ୍ରତିଷ୍ଠାନର ନବମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ହଂସୁଆକଳା ପ୍ରତିଷ୍ଠାନ ରାଜନଗର ଅଞ୍ଚଳ ଲୁକାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣି ପାରିଥିବା କହିଥିଲେ। ଅନୁଷ୍ଠାନ ସମ୍ପାଦକ ଶତ୍ରୁଘନ ତରାଇ ବିବରଣୀ ପାଠ କରିଥିଲେ। ଖବରଦାତା ଭାସ୍କର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ମନୋଜ ଦାସ, ବାଲ୍ମିକୀ ଜେନା, ଜୟୀରାମ ଜେନା,ସଙ୍ଗୀତ ନିର୍ଦ୍ଦେଶକ ରାମ ଚନ୍ଦ୍ର ବାରିକ, ନବ ବାରିକ, ଗଗନ ଦାସ, ମଞ୍ଚ କଳାକାର ପ୍ରଫୁଲ୍ଲ ଦାସ, ନାଟ୍ୟ ନିର୍ଦ୍ଦେଶକ ଚକ୍ରଧର ଦାସ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଲି ବିକାଶ ମଞ୍ଚର ପ୍ରତିଭା ସମ୍ମାନ



ଜଣେ କୃତୀଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**୯ ଛାତ୍ରୀଛାତ୍ର ସମ୍ମାନିତ ହେଲେ**

ଆଲି,୨।୪(ଡି.ଏନ.ଏ.)

ଆଲି ବିକାଶ ମଞ୍ଚ ପକ୍ଷରୁ ଶନିବାର ପ୍ରତିଭା ସମ୍ମାନ ଓ ଛାତ୍ରୀଛାତ୍ରମାନଙ୍କ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆଲି ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଲି ବିକାଶ ମଞ୍ଚର କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଲି ଶିକ୍ଷାମଣ୍ଡଳ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡ଼ା, ଆଲି ବିକାଶ ମଞ୍ଚର ଉପଦେଷ୍ଟା ପ୍ରଫୁଲ୍ଲ ଦାସ, ଉପସଭାପତି ତ୍ରିଲୋଚନ ଧଳ, କୋଷାଧ୍ୟକ୍ଷ ରାମଚନ୍ଦ୍ର ପାଣ୍ଡବ, ମଞ୍ଜୁଲତା ଜେନା, ସାମାଜିକର୍ମୀ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଲି ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦେଶ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜ୍ୟୋତିଭୂଷଣ ମହାପାତ୍ର, କ୍ରୀଡାରେ ନୈପୁଣତା ପାଇଁ ମୋନାଲିସା ରାଉତ,ସାହିତ୍ୟ ସାଧନା ପାଇଁ ବନମାଳୀ ସେନାପତି, ସାମାଜିକ କର୍ମୀ ପ୍ରମୋଦ ମଳିକ,ପ୍ରଶାସନିକ ସେବା କ୍ଷେତ୍ରରେ ପ୍ରିୟଦର୍ଶନୀ ପତି, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଶ୍ୱେତପଦ୍ମା ପଣ୍ଡା, ଷ୍ଟାଫ ନର୍ସ ମନୋରମା ନାୟକ, ଆଲି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଭାବେ ଚଣ୍ଡିଆଗଡି ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଆଲି ବ୍ଲକର ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ରାମେଶ୍ୱର ନିଆଳ ଜିପି ହାଇସ୍କୁଲର ନିତୁପ୍ରଭା ସାମଲ ପ୍ରଥମ, ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅଫିଫା ଅଞ୍ଜୁମ୍ ଦିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚଣ୍ଡିଆଗଡି ନୋଡାଲ ଉଚ୍ଚ ବିଦ୍ୟାଳୟର ଚିନ୍ମୟ ଲେଙ୍କା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଡିବେଟ ପ୍ରତିଯୋଗିତାରେ ରାମେଶ୍ୱର ନିଆଳ ପଞ୍ଚାୟତ ହାଇସ୍କୁଲର ଶୁଭସ୍ମିତା ବାରିକ, ସିପିବିଇଟି ହାଇସ୍କୁଲର ଚିରସ୍ମୃତି ସ୍ୱାଇଁ ଏବଂ ଗୋଦାବରୀଶ ବିଦ୍ୟାଭବନର ସ୍ନେହାଶ୍ରୀ ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଥିଲେ। ସାଧାରଣ ଜ୍ଞାନରେ ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟର ଶୁଭରଞ୍ଜନ ବେହେରା, ଠାକୁର ପାଟଣା ହାଇସ୍କୁଲର ଅଙ୍କିତା ଦାସ ଓ ଜୁଆଣିଆ ହାଇସ୍କୁଲର ଦିବ୍ୟାନୀ ରାଉତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଏମିତି ବି ମୃତ୍ୟୁ ଆସେ

ଆଲି,୨।୪(ଡି.ଏନ୍.ଏ.)

ଶନିବାର ସନ୍ଧ୍ୟାରେ ପଚ୍ଚାମୁଣ୍ଡାଇ ଥାନା ଅଧୀନ ବଲୁରିଆ ଗ୍ରାମର ଶୁଭେନ୍ଦୁ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି। ଶୁଭେନ୍ଦୁ ସ୍ତ୍ରୀ ମଧୁମିତା ଓ ପୁଅ ଓମ୍‌ଙ୍କୁ ନେଇ ଆଲି ଆସିଥିଲେ। ଆଲି ଅନ୍ନପୂର୍ଣ୍ଣା ପଡ଼ିଆରେ ଶୁଭେନ୍ଦୁ ଠିଆ ହୋଇଥିବା ବେଳେ ମଧୁମିତା ଓ ପୁଅ ଓମ୍ ଗାଡ଼ିରୁ ଓହ୍ଲାଇ ନିକଟସ୍ଥ ମେଡ଼ିସିନ ଦୋକାନକୁ ଯାଇଥିଲେ। ଏହି ସମୟରେ ହଠାତ୍ ଶୁଭେନ୍ଦୁ ତଳେ ପଡି ଯାଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଥିବା ଆଲି ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ତାଙ୍କୁ ତୁରନ୍ତ ଆଲି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇବା ପରେ ଶୁଭେନ୍ଦୁଙ୍କ ପରିବାର ଲୋକ ଓ ଗ୍ରାମବାସୀ ମେଡିକାଲରେ ପହଞ୍ଚିଛନ୍ତି। ଏହି ଖବର ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ପୂର୍ବପୁରୁଷମାନେ ଆମକୁ ନୂଆ ପଥ ଦେଖାଇଛନ୍ତି

କେନ୍ଦ୍ରାପଡ଼ା ଅଫିସ, ୨।୪

ଭାଷାଭିତ୍ତିକ ଉତ୍କଳ ପ୍ରଦେଶ ୧୯୩୬ରେ ଗଠନ ହୋଇଥିଲା। ପୂର୍ବପୁରୁଷଙ୍କ ଏହି ଉଦ୍ୟମ ଆମ ଓଡିଆ ଭାଷା ପାଇଁ ଅସ୍ମିତା ଆଣି ଦେଇଛି। ସ୍ୱାଭିମାନ ହିଁ ବଞ୍ଚିବା ଶିଖାଇବା ସହ ଆତ୍ମନିର୍ଭର ପାଇଁ ପଥ ଦେଖାଇଛି। ଉତ୍କଳ ପ୍ରଦେଶ ଗଠନର ଶୂରବୀରଙ୍କ ସ୍ମୃତିଚାରଣ କରି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଓଡ଼ିଆ ଦିବସ ଶୁକ୍ରବାର ସହରର ଟାଉନ ହଲଠାରେ ପାଳନ ହୋଇଛି। ଜିଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିପାଇଁ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ, ଏଡ଼ିଏମ୍ ପିତାମ୍ବର ସାମଲ, ଏଡିଏମ୍ ଦୁର୍ଗାଚରଣ ମହାରଣା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଓଡଶାର ବରପୁତ୍ରମାନଙ୍କ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଅତିଥିମାନେ କହିଥିଲେ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ଖଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀରମୋନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡିଶାର ସ୍ୱପ୍ନ ସଫଳ ହୋଇଛି। ସେହିପରି ୧୯୯୩ ରେ ଅବିଭକ୍ତ କଟକରୁ କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦେଇଥିବାରୁ ପ୍ରଗତି ରଥ ଆଗକୁ ଯାଉଛି। ମାତ୍ର ୧୪ ବର୍ଷରେ ଓଡିଶାବାସୀ ୧୦୦ତମ ଉତ୍କଳ ପ୍ରଦେଶ ଗଠନ ଦିବସ ପାଳନ କରିବେ। ଏହି ସମୟ ମଧ୍ୟରେ ଦେଶର ଉନ୍ନୟନ କାର୍ଯ୍ୟରେ ୧ ନଂ. ସ୍ଥାନ ହାସଲ କରିବ। ସେହିପରି ଜିଲା ଗଠନକୁ ୩୦ ବର୍ଷ ହୋଇଥିବାରୁ ଯୁବ ଉନ୍ମାଦନାରେ କାର୍ଯ୍ୟ ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ସଭାକୁ ଏଡିପିଆରଓ ଅଶୋକ କୁମାର ବଳିଆର ସିଂହ ପରିଚାଳନା କରିଥିଲେ।



ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଅସହ୍ୟ ତାତିରେ ଅଘୋଷିତ ବିଦ୍ୟୁତ କାଟ୍

ବ୍ରହ୍ମବରଦା,୨।୪(ଡି.ଏନ.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ ଉପଭୋକ୍ତାମାନଙ୍କୁ ଅସହ୍ୟ କରିଛି। ଗ୍ରୀଷ୍ମ ପ୍ରବାହରେ ଲୋକେ ବ୍ୟସ୍ତ ହେଉଥିବାବେଳେ ଦାଉ ସାଧୁଛି ବାରମ୍ବାର ବିଦ୍ୟୁତ କାଟ। ବିଦ୍ୟୁତ୍ ଶୁଳ୍କ ମାସକୁ ମାସ ଲୋକଙ୍କଠାରୁ ଆଦାୟ କରାଯାଉଛି, ହେଲେ ସେବା ପ୍ରଦାନରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଆଗକୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ହଇରାଣ ହରକତ ହେଉଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଉପଭୋକ୍ତାମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

### ରଶ୍ମିତା ନାୟକ ଘଡ଼ିଆମାଳ ନାଏବ ସରପଞ୍ଚ

ରାଜନଗର,୨।୪(ଡି.ଏନ.ଏ.)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ନାଏବ ସରପଞ୍ଚଭାବେ ରଶ୍ମିତା ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପଞ୍ଚାୟତର ୧୧ ୱାର୍ଡ ମଧ୍ୟରୁ ୨ ୱାର୍ଡରେ ନିର୍ବାଚନ ହୋଇ ନ ଥିଲା। ୭ଟି ୱାର୍ଡରେ ବିଜେଡି ଓ ୨ ୱାର୍ଡରେ କଂଗ୍ରେସ ସମର୍ଥିତ ୱାର୍ଡସଭ୍ୟ ନିର୍ବାଚିତ ହୋଇଥିଲେ। ଉକ୍ତ ବୈଠକରେ ନିର୍ବାଚନ ଅଧିକାରୀଙ୍କ ସହ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସମିତିସଭ୍ୟା ରୁଚିସ୍ମିତା ନାୟକ ଉପସ୍ଥିତ ଥିଲେ। ନାଏବ ସରପଞ୍ଚ ନିର୍ବାଚନ ଦିନ ୭ ୱାର୍ଡସଭ୍ୟ ବିଳମ୍ବରେ ଆସିବାରୁ ୨ୱାର୍ଡସଭ୍ୟ କୋରମ ଅଭାବରୁ ନିର୍ବାଚନ ବାତିଲ ପାଇଁ ଦାବି କରିଥିଲେ। ନାଏବ ସରପଞ୍ଚ ନିର୍ବାଚନ ବାତିଲ ପରେ ଶନିବାର ନିର୍ବାଚନ ହୋଇଥିଲା।

# ବାଲ୍ୟବିବାହ ରୋକିବାକୁ ସଚେତନତା ଆବଶ୍ୟକ



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବିଭିନ୍ନ ବିଭାଗର ଅଧିକାରୀ।

**ପୋକ୍‌ସୋ, ବାଲ୍ୟବିବାହ ଆଇନ ପ୍ରଶିକ୍ଷଣ ଶିବିର**

ଯାଜପୁର ଅଫିସ,୨।୪

ବାଲ୍ୟ ବିବାହ ନିରୋଧ ଏବଂ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ତଥା ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଶନିବାର ଏକ ପ୍ରଶିକ୍ଷଣ ଶିବିର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଯୌନ ନିର୍ଯାତନା ଓ ବାଲ୍ୟ ବିବାହ ରୋକିବାରେ ଶତପ୍ରତିଶତ ସଫଳ ହୋଇପାରୁନାହୁଁ ବୋଲି ସ୍ୱୀକାର କରିଥିଲେ। ଏ ଦିଗରେ ଆମେ ସମସ୍ତେ ସଚେତନ ହେବା ସହ ଆଇନକୁ ସମ୍ମାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ।

ଶିଶୁ ମଙ୍ଗଳ କମିଟିର ବରିଷ୍ଠ ସଭ୍ୟ ରୁଦ୍ର ନାରାୟଣ ପୃଷ୍ଟି, ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟର ବରିଷ୍ଠ ଗବେଷକ ପ୍ରମୋଦ କିଶୋର ଆଚାର୍ଯ୍ୟ ପୋକ୍‌ସୋ ଓ ଚାଇଲ୍‌ଡ ପ୍ରୋଟେକ୍‌ଶନ ଆକ୍ଟର ବିଭିନ୍ନ ଦିଗ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ଅଧିକାରୀ, ବାଲ୍ୟ ବିବାହ ନିରୋଧ ଅଧିକାରୀ, ଜିଲା ଆଇନସେବା ପ୍ରାଧିକରଣର ଅଧିବକ୍ତା, ଏକକ ରହଣି କେନ୍ଦ୍ର, ଯାଜପୁରର କେନ୍ଦ୍ର ଅଧୀକ୍ଷକ, ଚାଇଲ୍‌ଡ ଲାଇନର ସଂଯୋଜକ, ସ୍ୱାଧାର ଗୃହର ଅଧୀକ୍ଷକ ପ୍ରମୁଖ ଶିବିରରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଲୁଟ୍ ହେଉଛି କୋଇଲା, ଲୌହ ଯନ୍ତ୍ରାଂଶ

- ଗୋବରୀ ନଦୀକୂଳରେ ଚୋରା କାରବାର
- ବଡ଼ପାଲଗଡ଼ା ଗ୍ରାମ ପାର୍ଶ୍ୱରେ ଏଫ୍‌ଓ ଅପମିଶ୍ରଣ ଡିପୋ

ଯାଜପୁର ଅଫିସ,୨।୪

ଯାଜପୁର ଜିଲାର ସୀମାନ୍ତବର୍ତ୍ତୀ ଗୋବରୀ ନଦୀକୂଳ ଏବଂ ଏହାର ଆଖପାଖ ଅଞ୍ଚଳ ଚୋରାବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପାରାଦ୍ୱୀପ ବନ୍ଦରକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥ ଦେଇ ଯାଜପୁର ଓ କେନ୍ଦୁଝର ଜିଲା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳରୁ ପରିବହନ ହେଉଥିବା ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଏଠାରେ ଲୁଟ୍ ହେଉଛି। ସ୍ଥାନୀୟ ଥାନା ପୋଲିସ ଏଥିରେ ସହଯୋଗୀ ପାଲଟିଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ ପୋଲିସ ଚୁପ୍ ବସିଛି। ପାରାଦୀପ ବନ୍ଦରରୁ ପରିବହନ ହେଉଥିବା ମୂଲ୍ୟବାନ କୋଇଲା ଏଠାରେ କଳାବେପାର ହେଉଛି। ଏହାବାଦ୍ ସିମେଣ୍ଟ, କ୍ରୋମାଇଟ୍, ଆଜବେଷ୍ଟସ୍ ଚାଦର ଏପରି କି ବଡ଼ବଡ଼ ଲୌହ ଯନ୍ତ୍ରାଂଶକୁ ଲୁଟି ଚୋରା ବେପାରୀମାନେ ବିନାବାଧାରେ ସେମାନଙ୍କ କାରବାର ଚଳାଇଛନ୍ତି। ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଓ କେନ୍ଦ୍ରାପଡ଼ା ଜିଲାର ଡେରାବିଶ ଥାନା ଇଲାକାରେ ଦିନ ଦ୍ୱିପହରରେ ଏଭଳି ଚୋରା କାରାବାର ଚାଲୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ଓଲାଶୁଣୀ ପାହାଡ଼ ଉପକଣ୍ଠ ଗୋବରୀ ନଦୀକୂଳଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଚୋରା ବେପାରୀଙ୍କ ୨୦ରୁ ଅଧିକ ଢାବା ଓ କ୍ୟାବିନ୍ ଗଢ଼ି ଉଠିଛି। ଗୋବରୀ ନଦୀକୂଳରେ ଥିବା ଏକ ପୁରୁଣା ଢାବାରେ ଖୁଲମଖୁଲା କୋଇଲା, ତେଲ, ସିମେଣ୍ଟ ଓ କ୍ରୋମାଇଟ୍ ସମେତ ଅନ୍ୟାନ୍ୟ ସାମଗ୍ରୀର ଦିନରାତି ଲୁଟ୍ ଚାଲିଛି। ପାରାଦ୍ୱୀପକୁ ଯାଉଥିବା ଏବଂ ବନ୍ଦରାଞ୍ଚଳରୁ ଫେରୁଥିବା ମାଲବାହୀ ଟ୍ରକ ସିଧା ଏହି ଚୋରା ବେପାରୀଙ୍କ ଆଡ୍ଡାସ୍ଥଳରେ ପହଞ୍ଚି ମାଲ ଖଲାସ କରୁଛନ୍ତି। ଏହାପରେ ଏହି ଚୋରା ସାମଗ୍ରୀଗୁଡ଼ିକୁ ଟ୍ରାକ୍ଟର ଓ ଅନ୍ୟ ଛୋଟ ଗାଡ଼ିରେ ନିକଟସ୍ଥ ଏକ ଗାଁର ଗୁପ୍ତ ସ୍ଥାନକୁ ବୋହି ନିଆଯାଉଛି। ଏହି ଢାବା ଇଲାକାରେ ଅନେକ ଟନ୍ ବିଭିନ୍ନ ଚୋରା ସାମଗ୍ରୀ ମଧ୍ୟ ଗଦା ହୋଇରହିଛି। ହୋଟେଲ ସାମ୍ନାରେ ଥିବା ଏକ ଗୁପ୍ତ କୋଠରୀରେ ବହୁ ବ୍ୟାରେଲ ଚୋରା ତେଲ ମହଜୁଦ ରଖାଯାଇ ସ୍ଥାନୀୟ ଅଞ୍ଚଳର ହାଇୱା, ଟ୍ରାକ୍ଟର ଓ ଜେସିବି ଗାଡ଼ିଗୁଡ଼ିକୁ ବିକ୍ରି କରାଯାଉଛି। ଏହା ବ୍ୟତୀତ ଚଣ୍ଡୀଖୋଲଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଜାତୀୟ ରାଜପଥ କଡ଼ରେ ଗଢ଼ି ଉଠିଛି ଚୋରା ବେପାରୀଙ୍କ କ୍ୟାବିନ୍। ଦିନସାରା ବନ୍ଦ ରହୁଛି ଏହି କ୍ୟାବିନ ଏବଂ ସନ୍ଧ୍ୟାରୁ ରାତ୍ରି ଯାଏ ଖୋଲା ରହୁଛି। ସେହିପରି ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥ କଡ଼ର ବଡପାଲଗଡ଼ା ଗ୍ରାମର ୫୩ନଂ. ଜାତୀୟ ରାଜପଥ କଡର ଏକ ଟ୍ରକ ଗ୍ୟାରେଜ ପରିସରରେ ବଡଧରଣର ଫର୍ନେସ ଓଏଲ(ଏଫ୍‌ଓ) ଅପମିଶ୍ରଣ ଡିପୋ ଚାଲିଛି। ମାସିକ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଏହି ଫର୍ନେସ ତେଲ କାରବାର ହେଉଛି। ଏଥିରେ ରାଜ୍ୟ ବାହାରର ଲୋକ ନିୟୋଜିତ ହେଉଥିବାବେଳେ ପୋଲିସ ପାଇଁ ମାସିକ ଚାନ୍ଦା ଆଦାୟର ଏକ ଭଲ ସୂତ୍ର ବୋଲି କୁହାଯାଉଛି। ପୋଲିସ ବିଭାଗର କେତେଜଣ ଜିଲା କର୍ତ୍ତୃପକ୍ଷ ଏହି ଫର୍ନେସ ତେଲ ଅପମିଶ୍ରଣ କାରବାରରେ ପ୍ରମୁଖ ସହଯୋଗୀ ହୋଇଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ବାଲିଚନ୍ଦ୍ରପୁର ଥାନା ଆଇଆଇସି ରମାକାନ୍ତ ମୁଦୁଲିଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ସେ କହିଥିଲେ ଯେ, ଜାତୀୟ ରାଜପଥ କଡ଼ରେ ଚୋରା କାରବାର କରୁଥିବା ୨/୩ ଜଣ ବେପାରୀଙ୍କ ବିରୋଧରେ କାର୍ଯ୍ୟାଷ୍ଠାନ ଗ୍ରହଣ କରାଯାଇଛି ଏବଂ ଅନ୍ୟାନ୍ୟ ସ୍ଥାନରେ ଏଭଳି ଚୋରା କାରବାର କରୁଥିବା ଲୋକମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ।


ଚୋରା କାରବାରର ପେଣ୍ଠସ୍ଥଳୀ ଗୋବରୀ ନଦୀ କୂଳ।

# ଫଳାଫଳକୁ ନେଇ ମାନସମନ୍ଥନ

## ଜଗତ୍‌ସିଂହପୁର ପୌର ନିର୍ବାଚନ

- କଂଗ୍ରେସର ୧୪ ୱାର୍ଡରେ ଭୋଟ କମ, ୭ଟିରେ ବୃଦ୍ଧି ସତ୍ତ୍ୱେ ଅଧକ୍ଷା
- ବିଜେଡିର ୧୧ଟିରେ କମ୍ ଓ ୧୦ଟିରେ ଭୋଟ ବୃଦ୍ଧି
- ଭୋଟ ବ୍ୟବଧାନ ୧୭ନଂ.ରେ ସର୍ବାଧିକ ୪୩୧, ୧୪ନଂ. ୱାର୍ଡରେ ସର୍ବନିମ୍ନ

ଜଗତ୍‌ସିଂହପୁର ଅଫିସ, ୨।୪

ଜଗତ୍‌ସିଂହପୁର ପୌର ନିର୍ବାଚନ ଫଳାଫଳ ଘୋଷଣା ପରେ ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡି ଓ କଂଗ୍ରେସ ମଧ୍ୟରେ ଭୋଟ କମ୍, ବେଶିକୁ ନେଇ ମାନସମନ୍ଥନ ଆରମ୍ଭ ହୋଇଯାଇଛି। ବିଶେଷକରି କେଉଁ କାରଣରୁ ଗତଥର ଅପେକ୍ଷା ଭୋଟ କମିଲା ତାକୁ ନେଇ ଦଳୀୟ ନେତୃତ୍ୱ ତର୍ଜମା କରୁଛନ୍ତି। ପୌରାଞ୍ଚଳର ୨୧ ୱାର୍ଡ ମଧ୍ୟରୁ ୧୪ଟିରେ କଂଗ୍ରେସର ଭୋଟ ଗତଥର ତୁଳନାରେ କମିଛି। କିନ୍ତୁ ଏହି ଦଳର ପୌରାଧ୍ୟକ୍ଷ ପ୍ରାର୍ଥିନୀ ଅର୍ଚ୍ଚନା ସିଂହ ବିଜୟୀ ହୋଇଛନ୍ତି। ଏହା ବିଜେଡି ନେତୃତ୍ୱଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ରାଜ୍ୟରେ ବିଜେଡି ଆଶାତୀତ ସଫଳତା ପାଇଥିବା ବେଳେ ଜଗତ୍‌ସିଂହପୁରରେ ବିଫଳ ହେବା କଥାକୁ ସହଜରେ ଗ୍ରହଣ କରାଯାଇ ପାରୁନାହିଁ। ଏଭଳି କାହିଁକି ହେଲା ତା'ର କାରଣ ଖୋଜୁଛନ୍ତି ବିଜେଡି ନେତୃତ୍ୱ। ଏ ବାବଦରେ ବିଭିନ୍ନ ବିଷୟ ତର୍ଜମା ପରିସରକୁ ଆସିଛି। ପ୍ରଥମ କଥା ହେଲା ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥିନୀଙ୍କ ସ୍ୱାମୀ ପ୍ରିୟବ୍ରତ ମହାପାତ୍ର ନଗର ବିଜେଡି ସଭାପତି ଅଛନ୍ତି। ପ୍ରଶାନ୍ତ ମୁଦୁଲି ୨୦୧୯ ନିର୍ବାଚନର କିଛି ଦିନ ପୂର୍ବରୁ ବାଲିକୁଦା-ଏରସମା ବିଧାନସଭା ଛାଡି ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ସେତେବେଳେ ତାଙ୍କ ପୁରୁଣା ବନ୍ଧୁ ମହାପାତ୍ରଙ୍କ ଉପରେ ଅଧିକ ଆସ୍ଥା ରଖି ସଙ୍ଗଠନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଆଗଧାଡ଼ିରେ ରଖିଥିଲେ। ମୁଦୁଲି ବିଧାୟକ ଭାବେ ନିର୍ବାଚିତ ହେବା ପରେ ମହାପାତ୍ରଙ୍କ ସ୍ଥିତି ଅଧିକ ସୁଦୃଢ ହୋଇ ଯାଇଥିଲା। ମୁଦୁଲି ମଧ୍ୟ ଜଗତ୍‌ସିଂହପୁର ପୌରାଞ୍ଚଳରେ ଦଳୀୟ ସାଙ୍ଗଠନିକ ଦାୟିତ୍ୱ ମହାପାତ୍ରଙ୍କ ଉପରେ ନ୍ୟସ୍ତ କରିଥିଲେ। ଏହା ଭିତରେ ସାଙ୍ଗଠନିକ କାର୍ଯ୍ୟ ହେଉ ଅବା ଅନ୍ୟ କିଛି କାରଣରୁ ମହାପାତ୍ରଙ୍କ ଉପରେ ଅନେକ ବିଜେଡି ନେତା ଓ କର୍ମୀ ଅସନ୍ତୋଷ ପ୍ରକାଶ କରୁଥିଲେ ସୁଦ୍ଧା ମୁହଁ ଖୋଲୁ ନ ଥିଲେ। ପୌର ନିର୍ବାଚନ ଆସିବାରୁ ମହାପାତ୍ରଙ୍କ ସ୍ତ୍ରୀ ଓ ୩ନଂ. ୱାର୍ଡ ପୂର୍ବତନ କାଉନସିଲର ହେମନ୍ତ ଲେଙ୍କାଙ୍କ ସ୍ତ୍ରୀ ପୌରଧ୍ୟକ୍ଷା ନିମନ୍ତେ ବିଜେଡି ଟିକେଟ ପାଇଁ ଲବି କରିଥିଲେ। ଶେଷରେ ଦଳ ମହାପାତ୍ରଙ୍କ ସ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଥିଲା। ଲେଙ୍କାଙ୍କ ସ୍ତ୍ରୀ ପ୍ରାର୍ଥୀ ହୋଇଥିଲେ ବୋଧହୁଏ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି କେତେଜଣ ରାଜନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା ଯେହେତୁ ମହାପାତ୍ର ଦଳର କିଛି କ୍ଷେତ୍ରରେ ବିବାଦୀୟ ହୋଇ ପଡ଼ିଥିଲେ ତେଣୁ ଅନେକ ବିଜେଡି କର୍ମୀ ଓ ନେତା ନିଷ୍ଠାର ସହ ତାଙ୍କ ପାଇଁ କାମ କରି ନ ଥିଲେ। କେତେଜଣ ମଧ୍ୟ ବିରୋଧ କରି କଂଗ୍ରେସ ପୌରାଧ୍ୟକ୍ଷ ପ୍ରାର୍ଥିନୀଙ୍କୁ ସହଯୋଗ କରିଥିଲେ। ତେବେ ଯାହା ହେଉ ନା କାହିଁକି ଏହା ସାଙ୍ଗଠନିକ ତ୍ରୁଟି ବୋଲି କୁହାଯାଇପାରେ।

ଫଳାଫଳ ଉପରେ ନଜର କଲେ ଜଣାଯାଏ, ୨୦୧୩ ନିର୍ବାଚନ ତୁଳନାରେ ଏଥର ବିଜେଡିର ୧୧ଟି ୱାର୍ଡରେ କାଉନ୍‌ସିଲର ଭୋଟ କମିଥିବାବେଳେ ୧୦ଟିରେ ବଢ଼ିଛି। ୨୦ନଂ.ରେ ସର୍ବାଧିକ ୨୫୨ ଖଣ୍ଡ କମିଛି। କାରଣ ବିଜେଡିରୁ ଜଣେ ଟିକେଟ ପାଇଥିବାବେଳେ ଆଉ ଜଣେ ଅସନ୍ତୋଷ ପ୍ରକାଶ କରି ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ଅନୁରୂପ ଭାବେ ଗତଥର ଅପେକ୍ଷା ଏଥର ୧୯ନଂ.ରେ ୨୨୧ ଓ ୧୭ନଂ. ୱାର୍ଡରେ ୧୯୯ ଖଣ୍ଡ ଭୋଟ କମିଛି। କିନ୍ତୁ ୮ନଂ.ରେ ୧୬୭, ୪ନଂ.ରେ ୧୬୦ ଓ ୧୫ନଂ. ୱାର୍ଡରେ ୧୩୨ ଖଣ୍ଡ ଭୋଟ ବଢ଼ିଛି। ୭, ୮, ୧୧ ଓ ୧୪ନଂ. ୱାର୍ଡରେ ଆପାତତଃ ସ୍ଥିତି ସ୍ଥିର ରହିଛି। ୭ନଂ.ରେ ୩, ୮ରେ ୨ ଖଣ୍ଡ ଭୋଟ କମିଥିବାବେଳେ ୧୧ରେ ୬ ଓ ୧୪ନଂ. ୱାର୍ଡରେ ୨ ଖଣ୍ଡ ଭୋଟ ବଢ଼ିଛି। କଂଗ୍ରେସ କଥା ଦେଖିଲେ ଜଣାଯାଏ, ଗତଥର ତୁଳନାରେ ଏଥର ୧୪ ୱାର୍ଡରେ ଭୋଟ କମିଥିବାବେଳେ ୭ଟିରେ ବଢ଼ିଛି। ୧୭ନଂ.ରେ ସର୍ବାଧିକ ୪୩୧ ଖଣ୍ଡ କମିଛି। ସେହିପରି ୧୩ନଂ.ରେ ୩୯୧ ଓ ୭ନଂ.ରେ ୩୫୯ ଖଣ୍ଡ ଭୋଟ କମିଛି। ମାତ୍ର ୧୯ନଂ.ରେ ୨୮୭, ୨ନଂ.ରେ ୧୬୩ ଓ ୪ନଂ.ରେ ୧୧୨ ଖଣ୍ଡ ଭୋଟ ବଢ଼ିବାରୁ କଂଗ୍ରେସ କେତେକାଂଶରେ ଭୋଟ ବ୍ୟାଙ୍କ ସୁରକ୍ଷିତ କରିପାରିଛି। ୫ନଂ.ରେ ୩ ଖଣ୍ଡ କମିଥିବାବେଳେ ୧୧ନଂ. ୱାର୍ଡରେ ୨୫ ଖଣ୍ଡ ବଢି ୨୦୧୩ ସ୍ଥିତି ବଜାୟ ରଖିବାରେ ସକ୍ଷମ ହୋଇଛି। ଚଳିତବର୍ଷ ନିର୍ବାଚନ ଫଳାଫଳ ୨୦୨୪ ନିର୍ବାଚନ ପାଇଁ ଗୁରୁତ୍ୱ ରଖୁଥିବାରୁ ବିଜେଡି ଓ କଂଗ୍ରେସ ନେତୃତ୍ୱ ସଙ୍ଗଠନ ସଜାଡ଼ିବା ପାଇଁ ଜୋରଦାର ଉଦ୍ୟମ କରୁଛନ୍ତି। ଭାଜପା ମଧ୍ୟ ଦୌଡରୁ ଦୂରେଇ ଯାଇନି। ଏହି ଦଳ ଗତଥର ଅପେକ୍ଷା ୧୦ ଗୁଣା ଭୋଟ ପାଇବା ସହ ୨ଟି କାଉନସିଲର ପଦବୀ ହାତେଇ ନୂଆ ସମୀକରଣ ସୃଷ୍ଟି କରିଛି।

ଏ ସମ୍ପର୍କରେ ମହାପାତ୍ର କହିଛନ୍ତି, କିଛି ୱାର୍ଡରେ ଦଳୀୟ ଅସନ୍ତୁଷ୍ଟମାନେ ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥୀଙ୍କୁ ହରାଇବା ପାଇଁ ଉଦ୍ୟମ କରି ସଫଳ ହୋଇଛନ୍ତି। କେଉଁ କାରଣରୁ ଏଭଳି ପରିସ୍ଥିତି ହେଲା ତା'ର ତର୍ଜମା କରାଯାଉଛି। ଦଳୀୟ ଅସନ୍ତୋଷ ଦୂର କରିବା ପାଇଁ ଖୁବ୍‌ଶୀଘ୍ର ବୈଠକ କରାଯାଇ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ପରକୀୟା ସମ୍ପର୍କ ଯୁବକଙ୍କୁ ମହଙ୍ଗା ପଡ଼ିଲା

ପାରାଦୀପ,୨।୪(ସ୍ୱ.ପ୍ର.):ପାରାଦୀପ ଆଦର୍ଶଥାନା ଅଞ୍ଚଳରେ ଜଣେ ଅବିବାହିତ ଯୁବକ ସହ ଉକ୍ତ ଅଞ୍ଚଳର ଜଣେ ମହିଳାଙ୍କ ଅନୈତିକ ସମ୍ପର୍କ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ଯୁବକ ଜଣକ ମହିଳାଙ୍କ ଘରକୁ ଯାଇଥିବା ବେଳେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ଏହା ଜାଣିପାରି ଯୁବକଙ୍କୁ ଗୋଟିଏ ଘରେ ବନ୍ଦ କରି ଦେଇଥିଲେ। ଶନିବାର ଯୁବକଙ୍କ ବାପା ଖବର ପାଇ ଆସି ପହଞ୍ଚିବା ପରେ ବିବାଦ ବଢ଼ିଥିଲା। ସନ୍ଧ୍ୟାରେ ପୋଲିସ ଖବର ପାଇ ବନ୍ଦ ଘରୁ ଯୁବକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି।

### ବିଦ୍ୟାଳୟରେ ମିଳିଲା ମଧ୍ୟାହ୍ନ ଭୋଜନ

ନାଉଗାଁ,୨।୪(ସ୍ୱ.ପ୍ର): କୋଭିଡ୍ କଟକଣା ଉଠିବା ପରେ ପୂର୍ବପରି ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ଗୃହ ପାଠ ପଢ଼ା ଆରମ୍ଭ ହୋଇଛି। ୨ ବର୍ଷ ପରେ ବିଦ୍ୟାଳୟଗୁଡ଼ିକରେ ଶନିବାରଠାରୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଛି। ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ଚଳିତ ଶିକ୍ଷା ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭ ହଜାର ୬ଶହ ୧୬ ପିଲା ନାମ ଲେଖାଇଥିବା ବେଳେ ମଧ୍ୟାହ୍ନ ଭୋଜନରେ ୫ ହଜାର ୪ଶହ ୭୩ ପିଲା ସାମିଲ ହୋଇଛନ୍ତି। ସିଆରସିସିଙ୍କ ସମେତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ ବେହେରା ବିଭିନ୍ନ ବିଦ୍ୟାଳୟ ବୁଲି ମଧ୍ୟାହ୍ନ ଭୋଜନ ପରିଚାଳନା ବ୍ୟବସ୍ଥା ତଦାରଖ କରିଛନ୍ତି।

### ଜୀବନ ଜୀବିକା ସୁରକ୍ଷା ପାଇଁ କମିଟି ଗଢ଼ିଲେ ଗ୍ରାମବାସୀ

କୁଜଙ୍ଗ,୨।୪(ଡି.ଏନ୍.ଏ.): ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ସେଠାକାର ଅଧିବାସୀ ନିଜର ଜୀବନ ଜୀବିକା ହରାଇଛନ୍ତି। ଏନେଇ ଜୀବନ ଜୀବିକାର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମା' ଫୁଲଖାଇ ଗ୍ରାମ୍ୟ ସୁରକ୍ଷା କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ୩୫ ଜଣ ସଭ୍ୟଥିବା ବେଳେ ମୁଖ୍ୟ ପରାମର୍ଶଦାତାଭାବେ ସାମାଜିକକର୍ମୀ ନିର୍ଭୟ ସାମନ୍ତରାୟଙ୍କୁ ମନୋନୀତ କରାଯାଇଛି। ସଭାପତି ଭାବେ ନୃସିଂହ ରାଉତ, ଉପସଭାପତିଭାବେ ନିତ୍ୟାନନ୍ଦ ସ୍ୱାଇଁ, ସମ୍ପାଦକଭାବେ ପ୍ରଶାନ୍ତ ଲେଙ୍କା, ସହସମ୍ପାଦକଭାବେ ପ୍ରକାଶ ସାହୁ ଓ କୋଷାଧ୍ୟକ୍ଷ ଭାବେ ଅକ୍ଷୟ ବେହେରାଙ୍କୁ ମନୋନୀତ କରାଯାଇଛି। ଉକ୍ତ କମିଟି ଜୀବନ ଜିବୀକା ହରାଇଥିବା ଜନସାଧାରଣଙ୍କ ଭବିଷ୍ୟତ ପାଇଁ କମ୍ପାନୀ ଓ ପ୍ରଶାସନ ନିକଟରେ ଉପସ୍ଥାପନ କରିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଗ୍ରାମରେ ବିରୋଧୀ ଆନ୍ଦୋଳନକୁ ନେଇ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି ସେଥିପାଇଁ ଉକ୍ତ କମିଟି ଯତ୍ନବାନ ହେବ ବୋଲି ସ୍ଥିର କରାଯାଇଛି। ଶୁକ୍ରବାର ରାତିରେ ଉକ୍ତ କମିଟିର ବୈଠକ ବସି ଗ୍ରାମରେ ଥିବା ଭିନ୍ନକ୍ଷମ ଲୋକଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ରାସନ କାର୍ଡ ନ ଥିବା ବ୍ୟକ୍ତିଙ୍କ ନାମ ଆଲୋଚନା କରାଯାଇଥିଲା। ଭତ୍ତା ପାଇବାପାଇଁ ଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରସ୍ତୁତ କରାଯାଇ ପ୍ରଶାସନକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏବିଷୟରେ କମିଟି ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇଛି। ଖୁବଶୀଘ୍ର ଗ୍ରାମ୍ୟ ସୁରକ୍ଷା କମିଟି ପ୍ରଶାସନକୁ ଭେଟି ପ୍ରାରମ୍ଭିକ ଦାବି ଉପସ୍ଥାପନ କରିବ ବୋଲି ମୁଖ୍ୟ ଉପଦେଷ୍ଟା ତଥା ମୁଖପାତ୍ର ନିର୍ଭୟ ସାମନ୍ତରାୟ ପ୍ରକାଶ କରିଛନ୍ତି।

## ବନ୍ଧୁକ ଦେଖାଇ ଅପହରଣ ପରେ ଆକ୍ରମଣ

**ଉତ୍‌ଥାନ ସମ୍ପର୍କିତ ବୈଠକ ପୂର୍ବରୁ ପଦବୀ ଛାଡ଼ିଲେ**

ଏରସମା,୨।୪(ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ ଗଡ଼ହରିଶ୍‌ପୁର ପଞ୍ଚାୟତସ୍ଥିତ ଗଡ଼ହରିଶପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଶନିବାର ବନ୍ଧୁକ ଦେଖାଇ ଅପହରଣ କରିବା ପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ମାମଲା (ନଂ. ୧୨୯/୨୨) ରୁଜୁ ହୋଇଛି। ଏହାପରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ଏରସମା ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗଡ଼ହରିଶ୍‌ପୁର ଗ୍ରାମର ସ୍ୱରୂପ କୁମାର ଦାସ (୪୪) ଓ ସେହି ଗ୍ରାମର ଅନିଲ କୁମାର ସାହୁ ବାଇକରେ ଆମ୍ବିକି ପଞ୍ଚାୟତ ଦେଇ ଏରସମା ଆସୁଥିଲେ। ବାଘାଡି ପୋଲ ନିକଟରେ ଜପା ପଞ୍ଚାୟତ ଅନ୍ତର୍ଗତ ବର୍ତୋଳ ଗ୍ରାମର ବରଦା ରାଉତ ଓ ତାଙ୍କର ୫ ସହଯୋଗୀ ସେମାନଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ବନ୍ଧୁକ ଦେଖାଇ ସ୍ୱରୂପ ଏବଂ ଅନିଲଙ୍କୁ ସାଙ୍ଗରେ ବରଦାଙ୍କ ଘରକୁ ନେଇଯାଇଥିଲେ। ସେଠାରେ ଅନିଲଙ୍କୁ ତଳମହଲାରେ ବସାଇ ସ୍ୱରୂପଙ୍କୁ ଉପର ମହଲାକୁ ନେଇ ବରଦା ଓ ତାଙ୍କ ବାପା ମାଡ଼ ମାରିଥିଲେ। ଅନିଲ ସନ୍ଦେହ କରି ଗ୍ରାମବାସୀଙ୍କୁ ଖବର ଦେବାରୁ ସେମାନେ ଆସି ଉଭୟଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କ ଗିରଫ ଦାବି କରି ଗଡହରିଶପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମସେନ ରାଉତ, ଲାଲ ମୋହନ ଦାସ, ଗୌରାଙ୍ଗ ଜେନା, ମୁନା ନାୟକ, ଜଟାଧାରୀ ଗୁଡିଆ, ସୁବାସ ଜିନ୍ଦା, ନୀଳକଣ୍ଠ ମଣ୍ଡଳ, ଶରତ ମଣ୍ଡଳ ପ୍ରମୁଖ ଧାରଣାରେ ବସିଛନ୍ତି। ଖବର ଲେଖାହେବାବେଳକୁ ସମସ୍ୟାର ସମାଧାନ ହୋଇ ନ ଥିଲା। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଭାବଗ୍ରାହୀ ରାଉତ ସୂଚନା ଦେଇଛନ୍ତି।

# ଇ-ଫାଇଲିଂ ଭର୍ସନ ୩.୦ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ।

**ନ୍ୟାୟିକ ବ୍ୟବସ୍ଥାରେ ଲାଗୁ କରିବାରେ ଓଡ଼ିଶା ଦେଶରେ ପ୍ରଥମ**

କଟକ ଅଫିସ,୨।୪

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ସଭାଗୃହରେ ଇ-ଫାଇଲିଂ ଭର୍ସନ ୩.୦, ଭଲନରେବୁଲ ୱିଟନେସ୍ ଡିପୋଜିଶନ୍ ସେଣ୍ଟର୍ସ ଆଣ୍ଡ୍ ଭର୍ଚୁଆଲ୍ କୋର୍ଟ ରୁମ୍‌ସ ଆଣ୍ଡ୍ ଓଡ଼ିଶା ଜୁଡିସିଆଲ ୱାର୍କ ଫ୍ଲୋ ଅଟୋମେଶନ ସିଷ୍ଟମ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ସୁପ୍ରିମକୋର୍ଟ ବିଚାରପତି ଡି.ୱାଇ. ଚନ୍ଦ୍ରଚୁଡ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଇ-କମିଟି ଅଧ୍ୟକ୍ଷ ଜଷ୍ଟିସ ଆର୍.ସି. ଚଭନ, ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତଲ, ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ, ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା, କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ ପ୍ରମୁଖ ଯୋଗ ଦେଇଥିଲେ।

ଇ-ଫାଇଲିଂ ଭର୍ସନ ୩.୦ ହେଉଛି ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ସୁବୁଠୁ ଅଧିକ ଫଳପ୍ରଦ ବ୍ୟବସ୍ଥା । ଏହି ଭର୍ସନ ଲାଗୁ କରିବାରେ ଓଡ଼ିଶା ହାଇକୋର୍ଟ ଦେଶର ପ୍ରଥମ ବୋଲି ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଏହାଦ୍ୱାରା ସମସ୍ତ ଓକିଲ ଓ ମହକିଲମାନେ ଉପକୃତ ହେବେ। ଏହି ବ୍ୟବସ୍ଥା ରାଜ୍ୟର ସମସ୍ତ ଜିଲା ଜଜ୍ କୋର୍ଟ ଓ ତାଲୁକ୍ ସ୍ତରରେ ଉପଲବ୍ଧ ହେବ। ଦେଶର କେରଳ, ଓଡ଼ିଶା, ମହାରାଷ୍ଟ୍ରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ପ୍ରଥମେ ରାଜ୍ୟର ଭଦ୍ରକ ଓ ମାଲକାନଗିରିରେ ଏହି ବ୍ୟବସ୍ଥା ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏପରି ବ୍ୟବସ୍ଥା ଦ୍ୱାରା ବିଭିନ୍ନ ସ୍ଥାନରୁ ସାକ୍ଷ୍ୟଗ୍ରହଣ କରାଯାଇପାରିବ । ଏହି ଇ-ଫାଇଲିଂ ଭର୍ସନ ୩.୦ ବ୍ୟବସ୍ଥା ରାଜ୍ୟର ଅନୁଗୋଳ, ଭଦ୍ରକ, ବଲାଙ୍ଗୀର, କଟକ, ଜଗତ୍‌ସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡା, ଭୁବନେଶ୍ୱର, କୋରାପୁଟ, ନୟାଗଡ, ନୂଆପଡା, ନବରଙ୍ଗପୁର, ମାଲକାନଗିରି, ସମ୍ବଲପୁର, ସୋନପୁରରେ ମଧ୍ୟ ଲାଗୁ କରାଯାଇଛି। ହାଇକୋର୍ଟ ବିଚାରପତି ବିଶ୍ୱଜିତ୍ ମହାନ୍ତି ସ୍ୱାଗତ ଭାଷଣ ଓ ବିଚାରପତି ବିଭୁପ୍ରସାଦ ରାଉତରାୟ ଧନ୍ୟବାଦ ଦେଇଥିଲେ।

# 'ଉପାଧ୍ୟକ୍ଷ ପଦବୀ ପାଇଁ ୩୦ ଲକ୍ଷ ଟଙ୍କା ଡିଲ୍'

**ଅଭିଯୋଗକୁ ଖଣ୍ଡନ କଲେ ସମ୍ବିତ, ସମ୍ପଦ**

ପାରାଦୀପ, ୨।୪(ସ୍ୱ.ପ୍ର.)

ପାରାଦୀପ ପୌର ନିର୍ବାଚନ ଫଳାଫଳ ଘୋଷଣା ପରେ ଏବେ ଉପାଧ୍ୟକ୍ଷ ଚୟନ ନେଇ ୩ ପ୍ରମୁଖ ନେତାଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଆମ ପାରାଦୀପ ଆମ ପ୍ରଗତି ପ୍ରତିଷ୍ଠାତା ଅରିନ୍ଦମ ସର୍ଖେଲ (ବାପି) ଖବରଦାତାଙ୍କୁ ସୂଚନା ଦେଇଛନ୍ତି, ବିଜେଡି ବିଧାୟକ ସମ୍ବିତ ରାଉତରାୟ ଓ ଭାଜପା ବରିଷ୍ଠ ନେତା ସମ୍ପଦ ସ୍ୱାଇଁଙ୍କ ମଧ୍ୟରେ ୩ ଦିନ ତଳେ ଭୁବନେଶ୍ୱରଠାରେ ଏକ ତାରକା ହୋଟେଲରେ ୩୦ ଲକ୍ଷ ଟଙ୍କାର ଡିଲ ହୋଇଛି। ଉକ୍ତ ହୋଟେଲ୍‌ର କକ୍ଷ ନଂ.୨୦୮ ରେ ଉଭୟ ନେତା ଉପାଧ୍ୟକ୍ଷ ପଦପାଇଁ ପରସ୍ପରକୁ ସମର୍ଥନ କରିବାକୁ ସ୍ଥିର କରିଛନ୍ତି। କାରଣ ସେହି ଦୁଇ ଦଳ ପାଖରେ ଆବଶ୍ୟକ ୧୦ କାଉନ୍‌ସିଲର ନାହାନ୍ତି। ପୌର ନିର୍ବାଚନରେ ୧୯ଟି ୱାର୍ଡ ମଧ୍ୟରୁ ଆମ ପାରାଦୀପ ଆମ ପ୍ରଗତି ସଂଗଠନ ଜରିଆରେ ୮ ସ୍ୱାଧୀନ ଓ କଂଗ୍ରେସରୁ ଜଣେ କାଉନ୍‌ସିଲର ବିଜୟୀ ହୋଇଛନ୍ତି। ଏନେଇ ତାଙ୍କ ଲୋକପ୍ରିୟତାରେ ଅଙ୍କୁଶ ଲଗାଇବା ପାଇଁ ଉଭୟ ଭାଜପା ଓ ବିଜେଡି ନେତା ପରସ୍ପର ସହ ଭିତିରିଆ ହାତ ମିଳାଇଛନ୍ତି ବୋଲି ସର୍ଖେଲ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାଜପା ନେତା ସ୍ୱାଇଁ କହିଛନ୍ତି, ସର୍ଖେଲ ସର୍ବଦା ମିଛ କହି ଚର୍ଚ୍ଚାରେ ରହିବା ପାଇଁ ଚେଷ୍ଟା କରୁଛନ୍ତି। ସେ କଂଗ୍ରେସରୁ ଦୂରେଇଯାଇ ବିଜେଡିର ବି ଟିମ୍ ଭଳି କାମ କରୁଛନ୍ତି। ସର୍ଖେଲ ଯେଉଁ ହୋଟେଲ କଥା କହୁଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ସତ୍ୟତା ପାଇଁ ହୋଟେଲର ସିସିଟିଭି ଫୁଟେଜ ଦେଖାଇଥିଲେ ଭଲ ହୋଇଥାନ୍ତା। ସେହିପରି ବିଧାୟକ ରାଉତରାୟ କହିଛନ୍ତି, ସର୍ଖେଲ ସୀମା ମଧ୍ୟରେ ରହି ମିଛ କହିଥିଲେ ଭଲ ହୋଇଥାନ୍ତା। ଆମର ଅଧ୍ୟକ୍ଷ ଜିତିଛନ୍ତି। ଉପାଧ୍ୟକ୍ଷ ପଦ ପାଇଁ କୌଣସି ଟେନ୍‌ସନ ନାହିଁ। ସତ୍ୟତା ଜଣାପଡ଼ିଲେ ବିଧାୟକ ପଦରୁ ଇସ୍ତଫା ଦେଇଦେବେ ବୋଲି ରାଉତରାୟ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଏଏମ୍‌ଏନ୍‌ଏସ କମ୍ପାନୀ କାମକୁ ବିରୋଧ

ପାରାଦୀପ,୨।୪(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ହାଣ୍ଡିଆ ଗ୍ରାମ ପାଖରେ ଶନିବାର ନବ ନିର୍ମାଣ କୃଷକ ସଙ୍ଗଠନ ଓ ହାଣ୍ଡିଆ ଗ୍ରାମ୍ୟ ସୁରକ୍ଷା ସମିତି ପକ୍ଷରୁ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ କାମକୁ ବିରୋଧ କରି ଧାରଣା ଦେଇଛନ୍ତି। କମ୍ପାନୀ ବିସ୍ଥାପନ ଥଇଥାନ ନିୟମକୁ ଉଲ୍ଲଂଘନ କରି ଗ୍ରାମବାସୀଙ୍କ ଜମି ଉପରେ ବନ୍ଧ ନିର୍ମାଣ କରୁଛି ବୋଲି ନବନିର୍ମାଣ ସଂଘ ସଭାପତି ବିଷ୍ଣୁ ଚରଣ ସ୍ୱାଇଁ କହିଛନ୍ତି। ଏପରି ବିରୋଧ ଗତ ୧୦ ଦିନ ହେଲା କରାଯାଇଛି ବୋଲି ହାଣ୍ଡିଆ ଗ୍ରାମର ଧରଣୀଧର ସ୍ୱାଇଁ, ତୋଫାନ ସ୍ୱାଇଁ ପ୍ରମୁଖ କହିଛନ୍ତି। ଏହି ଅଭିଯୋଗ ଉପରେ କମ୍ପାନୀ ଲୋକସମ୍ପର୍କ ଅଧିକାରୀ ରବିନାରାୟଣ ପୃଷ୍ଟି ଲିଖିତ ଭାବେ ଜଣାଇଛନ୍ତି। ଗତ୨୯ ତାରିଖରେ ଜିଲା ପ୍ରଶାସନ, କମ୍ପାନୀ ଓ ହାଣ୍ଡିଆ ଗ୍ରାମବାସୀଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ସେଥିରେ କମ୍ପାନୀ କାମକୁ ଲୋକ ସମର୍ଥନ ଜଣାଇଥିଲେ। ଏବେ ବିରୋଧ କରିଛନ୍ତି। ଶନିବାର ଧାରଣା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଛି ବୋଲି ପୃଷ୍ଟି ସୂଚନା ଦେଇଛନ୍ତି।

## ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ମହାନ୍

ପାରାଦୀପ,୨।୪(ସ୍ୱ.ପ୍ର.)




ପାରାଦୀପ ଫସଫେଟସ ଲିମିଟେଡ଼ (ପିପିଏଲ)ପକ୍ଷରୁ ୮୭ତମ ଓଡ଼ିଶା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ମହାନ୍ ବୋଲି ଆଲୋକପାତ କରିଥିଲେ। ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଏହି ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶୀ ନୃତ୍ୟ, ଗୋଟିପୁଅ, ଘୋଡାନାଚ,ସମ୍ବଲପୁରୀ, କେନ୍ଦରା ବାଦ୍ୟ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ତୈଳବିଶୋଧନାଗାର ଟାଉନସିପ ପରିସରରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭି.ଏସ୍. ଜୈନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆବର୍ଜନା କୁଣ୍ଡ ନିର୍ମାଣକୁ ବିରୋଧ ୱାର୍ଡସଭ୍ୟଙ୍କ ପ୍ରତିବାଦ

ରଘୁନାଥପୁର,୨।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତ ପରିସୀମା ବାହାରେ ଏବଂ ବିନା ସୂଚନା ଫଳକରେ ଆବର୍ଜନା କୁଣ୍ଡ ନିର୍ମାଣକୁ ଶନିବାର ଦୁଇ ତୃତୀୟାଂଶ ୱାର୍ଡ ସଭ୍ୟାସଭ୍ୟ ବିରୋଧ କରିଛନ୍ତି। ପ୍ରତିବାଦରେ ସେମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଏ ସମ୍ପର୍କରେ ବିଡିଓଙ୍କୁ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନେ ଧାରଣାରେ ବସିଛନ୍ତି ବୋଲି ନାଏବ ସରପଞ୍ଚ ପ୍ରଣତି ପାଲ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବିନା ସୂଚନାରେ ପୂର୍ବରୁ ସେମାନଙ୍କ ଦସ୍ତଖତ କରିନେଇ ମନଇଚ୍ଛା ବିଭିନ୍ନ କାର୍ଯ୍ୟକୁ ରିଜୋଲେସନ ବୁକରେ ଲେଖି ଦିଆଯାଉଛି। ପଞ୍ଚାୟତ ଆଇନକୁ ଖୋଲାଖୋଲି ଉଲଂଘନ କରାଯାଉଛି ବୋଲି ୱାର୍ଡସଭ୍ୟ ସୁବ୍ରତ ଦାସ, ବିନିତା ସେଠି ଓ ବବିତା ମହାନ୍ତି କହିଛନ୍ତି। ଗୋଟିଏ ପଞ୍ଚାୟତର ଅର୍ଥକୁ କିପରି ଅନ୍ୟ ପଞ୍ଚାୟତରେ ଖର୍ଚ୍ଚ କରାଯାଉଛି ତାହାର ତଦନ୍ତ କରାଯାଉ ବୋଲି ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ମହାରଣା ଓ ୱାର୍ଡ ସଭ୍ୟମାନେ ଦାବି କରିଛନ୍ତି। ଖବରପାଇ ବିଡିଓ ଜିତେନ୍ଦ୍ର କୁମାର ନାୟକ ସେମାନଙ୍କ ଡାକି ଆଲୋଚନା କରିଥିଲେ। ଉକ୍ତ ସ୍ଥାନରେ କାର୍ଯ୍ୟ ବନ୍ଦ କରାଯାଇ ଏକ ମଧ୍ୟବର୍ତ୍ତୀ ସ୍ଥାନରେ ଆବର୍ଜନା କୁଣ୍ଡ ନିର୍ମାଣ ହେବ ନେଇ ବିଡିଓ ନାୟକ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପୂର୍ବତନ ମୁଖ୍ୟଶାସନ ସଚିବ, ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବଙ୍କ ସ୍କୁଲ ପରିଦର୍ଶନ

ବାଲିଆ,୨।୪

ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ପଞ୍ଚାନନ ଦାଶ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ କୁମାର କର ଜଗତସିଂହପୁର ଜିଲା ବିରିଡି ବ୍ଲକ ଗସ୍ତରେ ଆସି ସର୍ବପୁରାତନ ଅଳକା ହାଇସ୍କୁଲ ପରିଦର୍ଶନ କରିଛନ୍ତି। ୫-ଟି ଅଧୀନରେ ଏହି ହାଇସ୍କୁଲକୁ ଏବେ ସ୍ମାର୍ଟ ବିଦ୍ୟାଳୟରେ ପରିଣତ କରାଯାଇଛି। ଏହି ଅବସରରେ ଦାଶ ଓ କର ୫-ଟି ଯୋଜନାରେ କରାଯାଉଥିବା ସ୍ମାର୍ଟ କ୍ଲାସ, ବିଜ୍ଞାନ ଗୃହ, ଲାଇବ୍ରେରି ଓ ପରିବେଶ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଦି ବୁଲି ଦେଖିଥିଲେ। ପରେ ବିଦ୍ୟାଳୟ ଆଲୁମିନି ସଭାପତି ସରୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜେ କିପରି ଅଭାବ ଅନାଟନରେ ରହି ଶିକ୍ଷା ଲାଭ କରିଥିଲେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେ ଏହି ବିଦ୍ୟାଳୟର ଜଣେ ପୂରାତନ ଛାତ୍ର ହୋଇଥିବାରୁ ଚଳିତ ବର୍ଷ ଠାରୁ ଜଣେ ମେଧାବୀ ଓ ଗରିବ ଛାତ୍ରଙ୍କୁ ପ୍ରତିବର୍ଷ ୧୦ହଜାର ଟଙ୍କା ଉଚ୍ଚ ଶିକ୍ଷା ଲାଭ ପାଇଁ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ବିଦ୍ୟାଳୟ ଗଣ ଶିକ୍ଷା ସଚିବ କର ବିଦ୍ୟାଳୟରେ ତୁରନ୍ତ ପ୍ରଧାନ ଶିକ୍ଷକ ପଦ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ସାହୁ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ବ୍ଲକ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ ଯୋଗ ଦେଇଥିଲେ। ପୂରାତନ ଛାତ୍ର ଜ୍ଞାନ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ସଭାରେ ମୁଖ୍ୟ ଶାସନ ସଚିବ ପଞ୍ଚାନନ ଦାଶ, ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ କୁମାର କର ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

# ଧାରଣାରେ ବସିଲେ ସରପଞ୍ଚ, ସମିତି ସଭ୍ୟ

- ଦୁର୍ବ୍ୟବହାର ଅଭିଯୋଗରେ ବିଡିଓଙ୍କୁ ବିରୋଧ
- ୫ ଘଣ୍ଟା ପରେ ଆଲୋଚନାର ସମାଧାନ ହେଲା

ବାଲିଆ/ବିରିଡ଼ି,୨।୪


ଧାରଣାରେ ବସିଥିବା ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟମାନେ।

ବିରିଡି ବ୍ଲକ ବିଡିଓ ହେମନ୍ତ କୁମାର ମହନ୍ତ ସ୍ଥାନୀୟ ଜନପତିନିଧି ଓ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ସରପଞ୍ଚ ଓ ସମିତି ସଭ୍ୟମାନେ ଶନିବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ବିଡିଓ ମହାନ୍ତି ଗତ ମଙ୍ଗଳବାର ହାଜିପୁର ସମିତି ସଭ୍ୟ ସନ୍ତୋଷ ନାୟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାବେଳେ ବୁଧବାର ବଟିମରା ପଞ୍ଚାୟତ ହଳଦିଆପଡା ଜୟ ସରସ୍ୱତୀ ମହିଳା ଗ୍ରୁପର ସଦସ୍ୟା ଓ କେତେ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲି ଆଖି ଦେଖାଇଥିଲେ। ଏନେଇ ବିରିଡ଼ି ଥାନାରେ ୨ଟି ଅଭିଯୋଗ ହୋଇଛି। ପ୍ରତିବାଦରେ ହାଜିପୁର ପଞ୍ଚାୟତ ସମିତିସଭ୍ୟ ନାୟକ, ପୂର୍ବତନ ସରପଞ୍ଚ ବିଭୁଦତ୍ତ ସାହୁ, ସମିତି ସଭ୍ୟ ଅଲେଖ ନାୟକ, ବିଷ୍ଣୁ ଚନ୍ଦ୍ର କର, ପଞ୍ଚାୟତ ବିଜେଡି ସଭାପତି ହେମନ୍ତ କୁମାର କର, ନାଏବ ସରପଞ୍ଚ ବାଙ୍କ ବିହାରୀ ବେହେରା, ଦ୍ୱାରିକା ନାଥ ସାହୁ, ଚୁନିଆ କର ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଏକତ୍ରିତ ହୋଇ ବିଡିଓଙ୍କୁ ନିଲମ୍ବନ ଓ ଗିରଫ କରିବାକୁ ଦାବି କରିଥିଲେ।

ଖବରପାଇ ବିରିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜୋନ ୨ର ଜିଲା ପରିଷଦ ଚନ୍ଦ୍ର ଶେଖର ଦାଶଙ୍କ ତତ୍ତ୍ୱାବଧାନରେ ଧାରଣା ଦେଇଥିବା ଜନପ୍ରତିନିଧି ଓ ନାୟକଙ୍କୁ ପଞ୍ଚାୟତସମିତି ଗୃହକୁ ଡକାଇ ଆଲୋଚନା କରାଯାଇଥିଲା। ସେଠାକୁ ବିଡିଓ ମହାନ୍ତିଙ୍କୁ ମଧ୍ୟ ଡକାଯାଇଥିଲା। ଏହି ସମୟରେ ବିଡିଓ ଏପରି କାର୍ଯ୍ୟ ଉଦ୍ଦେଶ୍ୟମୂଳକଭାବେ କରି ନ ଥିବା କହିବାରୁ ଜନପ୍ରତିନିଧିମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଏନେଇ ସେମାନେ ସେଠାରୁ ଫେରିଆସି ପୁନର୍ବାର ଧାରଣାରେ ବସିଥିଲେ। ବିଡିଓ ଧାରଣା ସ୍ଥଳକୁ ଆସି ସତ ନମାନିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଦାବି କରିଥିଲେ। ପ୍ରାୟ ୫ ଘଣ୍ଟା ଧାରଣା ଦେବାପରେ ଅଧ୍ୟକ୍ଷାଙ୍କ ଅନୁରୋଧକ୍ରମେ ସରପଞ୍ଚ ଓ ସମିତିସଭ୍ୟମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ସେଠାରେ ଘଟଣାର ଆପୋଷ ସମାଧାନ ହୋଇଯାଇଛି।

## ସଂକ୍ଷେପରେ

### ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟଣା ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି: ସୁଧାଂଶୁ

ଜଗନ୍ନାଥପ୍ରସାଦ,୨।୪(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ବ୍ଲକ ଅଧକ୍ଷା ଜୟଶ୍ରୀ ସାହୁଙ୍କ ସ୍ୱାମୀ ହିମାଂଶୁ ଶେଖର ବାରିକଙ୍କ ଗୁରୁବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ୪୮ ଘଣ୍ଟା ପୁରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ରହସ୍ୟ ଘେରରେ ରହିଛି। ବେଲଗୁଣ୍ଠା ପୋଲିସ ନଂ. ୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହିମାଂଶୁ ଗଣ୍ଡାଧରଠାରେ ଏକ ଭୋଜିରେ ଯୋଗଦେଇ ଗୁରୁବାର ରାତିରେ ନିଜ ଗ୍ରାମ ବରଗାଁକୁ ଫେରିଥିଲେ। ମଧରାତିରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସହ ପାଟିରୁ ଫେଣ ବାହାରିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ ଦିନ ହିମାଂଶୁଙ୍କ ସାଥିରେ କିଏ ଥିଲେ ଓ ଭୋଜିରେ ତାଙ୍କୁ କିଏ ନିମନ୍ତ୍ରଣ କରିଥିଲେ। ସେଠାରେ ସେ କ'ଣ ଖାଇଥିଲେ। ଏ ନେଇ ସନ୍ଦେହ ହେଉଥିବା ଗ୍ରାମରେ ଚର୍ଚ୍ଚା ଜୋର ଧରିଛି। କମ ବୟସରୁ ରାଜନୀତିରେ ପାଦ ଦେଇଥିଲେ। ଲୋକଙ୍କ ଭଲ ପାଇବା ଯୋଗୁ ପ୍ରଥମେ ମା' ସନ୍ତୋଷିନୀ, ଦ୍ୱିତୀୟରେ ସେ ନିଜେ ଉପାଧାକ୍ଷ ଓ ବର୍ତ୍ତମାନ ସ୍ତ୍ରୀ ଜୟଶ୍ରୀଙ୍କୁ ବ୍ଲକ ଅଧକ୍ଷ ଆସନ ଅଳଙ୍କୃତ କରିବାର ସୌଭାଗ୍ୟ ମିଳିଥିଲା। ତେବେ ତୁରନ୍ତ ଉକ୍ତ ଘଟଣାର ତଦନ୍ତ ହେଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମୃତକଙ୍କ ଭାଇ ସୁଧାଂଶୁ କହିଛନ୍ତି।

### ଦାରିଙ୍ଗବାଡ଼ିରେ ବାସନ୍ତିକ ପୂଜା

ଦାରିଙ୍ଗବାଡି,୨।୪(ଡି.ଏନ.ଏ)-ଦାରିଙ୍ଗବାଡ଼ି ମା' ପାଛଖଣ୍ଡାଙ୍କ ପୀଠରେ ନବରାତ୍ରୀ ପୂଜାର ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାର ଶତାଧିକ ଶ୍ରଦ୍ଧାଳୁ ଶିବମନ୍ଦିର ପ୍ରାଙ୍ଗଣରେ ଥିବା ପୋଖରୀରେ ପହଞ୍ଚି ଜଳ ତୁଠରେ ଇନ୍ଦ୍ର ପୂଜା ସହ ଜଳ ଉଠାଇ ଆଣିବା ସହ ଆଜ୍ଞାମାଳ ନେଇ ବିରାଟ ଶୋଭାଯାତ୍ରାରେ ମା'ପାଛଖଣ୍ଡାଙ୍କ ପୀଠରେ ପହଞ୍ଚିଥିଲେ। ସନ୍ଧ୍ୟାରେ ନବରାତ୍ରୀ ପୂଜା, ଯଜ୍ଞ, ହୋମ ଆଦି କରାଯିବା ସହ ୯ ଦିନ ଧରି ପୂଜାର୍ଚ୍ଚନା କରାଯିବ। ଏଥିସହ ଶ୍ରୀରାମ ନବମୀ ଦିନ ରାବଣପୋଡି କରାଯିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

### ଯୁବକଙ୍କ ଗଳିତ ମୃତଦେହ ଜବତ

ଶେରଗଡ଼,୨।୪(ଡି.ଏନ୍.ଏ.)-ଶେରଗଡ଼ ବ୍ଲକ ଲକ୍ଷ୍ମୀନୃସିଂହପୁର ବାଦଗଡ଼ ରାସ୍ତା କଡ଼ରେ ଥିବା ଏକ ଗଛରୁ ଶନିବାର ଜଣେ ଯୁବକଙ୍କୁ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବାଦଗଡ଼ର ପ୍ରଦୀପ କୁମାର ସ୍ୱାଇଁ (୨୦)। ଏ ନେଇ ନଂ. ୪/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରେମ ବ୍ୟାପାରକୁ ନେଇ ଯୁବକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସର ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।

### ଶ୍ରେଷ୍ଠ ଅଧୀକ୍ଷକ ଭାବେ ସୌମ୍ୟକାନ୍ତ ପୁରସ୍କୃତ

ଗଞ୍ଜାମ,୨।୪(ଡି.ଏନ.ଏ.)-ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ମିଶନ ତରଫରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସଫଳତା ପାଇଁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ବିଭାଗକୁ ପ୍ରଶଂସା ତଥା ପୁରସ୍କୃତ କରାଯାଉଛି। ଜିଲାରେ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ପୂରଣ କରିଥିବା ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ମହାପାତ୍ରଙ୍କୁ ଜିଲା ସ୍ୱାସ୍ଥ୍ୟ ମିଶନ ତରଫରୁ ଶ୍ରେଷ୍ଠ ଅଧିକ୍ଷକ ଭାବେ ସମ୍ମାନିତ କରାଯାଇଛି। ଡାକ୍ତର ମହାପାତ୍ରଙ୍କୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାକାନ୍ତ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ଅଧିକାରୀ ଶ୍ୟାମସୁନ୍ଦର ତ୍ରିପାଠୀ ଏବଂ ଅନ୍ୟସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରିଛନ୍ତି। ଏହି ପୁରସ୍କାର ପାଇବା ଫଳରେ ଡାକ୍ତରଙ୍କୁ ଅଞ୍ଚଳର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଗଞ୍ଜାମ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବ ସଂଗଠନ ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ ସମ୍ପାଦକ ଦୀପକ କୁମାର ସାହୁ, କୈଳାସ ଚନ୍ଦ୍ର ସେଠୀ, କାହ୍ନା ଗୌଡ, ବି ଦେବାଶିଷ ରେଡ଼ି, ଦୀପକ ଗୌଡ ପ୍ରମୁଖ ଡାକ୍ତରଙ୍କୁ ଭେଟି ଉପଢୌକନ୍ ଓ ଫୁଲଚାରା ଦେଇ ଶୁଭେଚ୍ଛା ଜଣାଇଛନ୍ତି।

# ମହୁଲର ଅଭାବୀ ବିକ୍ରି, ମଣ୍ଡି ଖୋଲିବାକୁ ଦାବି

ଫୁଲବାଣୀ ଅଫିସ, ୨।୪


ଜଣେ ମହିଳା ମହୂଲ ସଂଗ୍ରହ କରୁଛନ୍ତି।

କନ୍ଧମାଳ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଅଧିକାଂଶ ଆଦିବାସୀ ଜଙ୍ଗଲ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଜୀବୀକା ନିର୍ବାହ କରିଥାନ୍ତି । ଜଙ୍ଗଲଜାତ ଦବ୍ର ମଧରେ ଆଦିବାସୀମାନେ ମହୂଲ ସଂଗ୍ରହ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ବର୍ଷର ଫେବୃୟାରୀ ଶେଷରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ମହୂଲ ସଂଗ୍ରହ ହୁଏ । ବ୍ୟାପକ ପରିମାଣର ମହୁଲ ଏହି ଜିଲାରୁ ବାହାର ଜିଲା ଏବଂ ରାଜ୍ୟକୁ ଚାଲାଣ ହୋଇଥାଏ। ହେଲେ ସଂଗ୍ରହକାରୀଙ୍କୁ ମହୂଲର ଉପଯୁକ୍ତ ମୂଲ୍ୟ ମିଳୁନାହିଁ। ବର୍ଷ ବର୍ଷ ଧରି ଆଦିବାସୀମାନେ ବ୍ୟବସାୟୀଙ୍କ ଦ୍ୱାରା ଶୋଷିତ ହୋଇ ଆସୁଛନ୍ତି। ଚଳିତବର୍ଷ ସେମାନେ ମଣ୍ଡି ଖୋଲିବାକୁ ଦାବି କରୁଛନ୍ତି।

ମହୂଲ ସଂଗ୍ରହ କରିବା ପରେ ଏହାକୁ ଶୁଖାଯାଏ। ଏହାପରେ ତାହାକୁ ବିକ୍ରି ପାଇଁ ପ୍ରସ୍ତୁତ କରାଯାଏ। ମହୂଲରୁ ସାଧାରଣତଃ ଦେଶୀ ମଦ ବା ମହୂଲି ପ୍ରସ୍ତୁତ ହୋଇଥାଏ। ଏହା କଞ୍ଚା ମାଲ ଭାବେ ଜଣାଶୁଣା। ଜିଲାରେ ପୂର୍ବରୁ ସରକାରୀ ଭାବେ ଏହା କିଣା ଯାଉଥିଲା । ଏବେ ହେଉନାହିଁ । ଏଥିପାଇଁ ମଣ୍ଡିର ବ୍ୟବସ୍ଥା ବି କରାଯାଉ ନାହିଁ । ଫଳରେ ବ୍ୟବସାୟୀମାନେ ବହୁ କମ୍ ଦରରେ ଆଦିବାସୀଙ୍କ ପାଖରୁ ମହୂଲ କିଣି ବାହାରେ ୩ ଗୁଣା ରେଟ୍‌ରେ ବିକି ମାଲେମାଲ ହେଉଛନ୍ତି । ଏବେ ମହୂଲ କେଜି ପିଛା ୧୦ରୁ ୧୫ ଟଙ୍କାରେ ଆଦିବାସୀମାନେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଗ୍ରାମାଞ୍ଚଳରେ ଆଦିବାସୀଙ୍କୁ କାମ ମିଳୁ ନାହିଁ । ଏବେ ମହୂଲ ସଂଗ୍ରହ ସମୟ ହୋଇଥିବାରୁ ତାହାକୁ ଗୁରୁତ୍ୱ ଦେଇଥାନ୍ତି । ପରିବାରର ସମସ୍ତ ସଦସ୍ୟ ଏହି କାର୍ଯ୍ୟରେ ଲାଗିପଡନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦିନକୁ ଜଣେ ବ୍ୟକ୍ତି ୫ରୁ ୭ କେଜି ମହୂଲ ସଂଗ୍ରହ କରିଥାନ୍ତି। ମହୂଲକୁ ଶୁଖାଇ ଦିଆଗଲେ ତାହା ୫୦ ପ୍ରତଶତ ଓଜନ କମିଯାଏ । ଦିନ ତମାମ ମହୁଲ ସଂଗ୍ରହରେ ଲାଗି ଦିନକୁ ୫୦ରୁ ୬୦ ଟଙ୍କା ରୋଜଗାର କରି ପାରନ୍ତି। କାମ ଧନ୍ଦାର ଅଭାବ ହେତୁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଆଦିବାସୀମାନେ ଆଜିର ଦିନରେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ମଧ ଦୈନିକ ମଜୁରୀଠାରୁ ବହୁ କମ ଅର୍ଥ ପାଆନ୍ତି। ହେଲେ ମହୁଲକୁ କମ୍ ଦାମରେ କିଣି ବ୍ୟବସାୟୀ ଅଧିକ ଦାମରେ ରାଜ୍ୟ ଏବଂ ବାହାରେ ବିକ୍ରି କରୁଛନ୍ତି । ବହୁ ପୂର୍ବରୁ ଆଦିବାସୀମାନଙ୍କ ପରମ୍ପରା ରହିଛି । ସେମାନେ ମହୂଲ ମଦରେ ମାଟି ଦେବତାଙ୍କୁ ପୂଜା କରନ୍ତି। ଏହାଛଡ଼ା ଆଦିବାସୀମାନେ ଖାଦ୍ୟ ଅଭାବରୁ ମହୂଲକୁ ସିଝାଇ ଏବଂ ପୋଡ଼ି ଖାଇବାକୁ ବାଧ ହୋଇଥାନ୍ତି । ସରକାର ଯଦି ମଣ୍ଡି ଖୋଲି ଆଦିବାସୀଙ୍କ ପାଖରୁ ସିଧାସଳଖ ମହୂଲ ସଂଗ୍ରହ କରିବେ ଏବଂ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବେ, ତା'ହାଲେ ଆମମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୁଅନ୍ତା ବୋଲି ବହୁ ଆଦିବାସୀମାନେ ପ୍ରକାଶ କରିଛନ୍ତି ।

# ପାନୀୟ ଜଳ ପାଇଁ ଡହଳବିକଳ ଚଡ଼ିଆପଦାବାସୀ


ଚଡ଼ିଆପଦା ଗ୍ରାମବାସୀ।

ଆର.ଉଦୟଗିରି,୨।୪(ଡି.ଏନ୍.ଏ.)

ମୋହନା ବ୍ଲକ ପାଣିଗଣ୍ଡା ପଞ୍ଚାୟତ ଅନ୍ତର୍ଗତ ଚଡ଼ିଆପଦା ଗ୍ରାମରେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ଗ୍ରାମରେ ଏକମାତ୍ର ନିର୍ଭରଯୋଗ୍ୟ, ବହୁ ପୁରାତନ ତଥା ବିପଦସଙ୍କୁଳ ଅବସ୍ଥାରେ ଥିବା କୂପ ଗତ ମଙ୍ଗଳବାର ଭୁଶୁଡ଼ିଯିବାରୁ ଦୁଇଜଣ ମହିଳା ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି କୂପ ଭୁଶୁଡିଯିବା ପରେ ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଫଳରେ ଗ୍ରାମର ସମସ୍ତ ପରିବାର ପାଣି ନ ପାଇ ସାରାଦିନ ତୃଷ୍ଣା ମେଣ୍ଟାଇ ନ ପାରିବା ସହ ଭୋକ ଉପାସରେ ରହିଥିଲେ। ହେଲେ ତହିଁ ପରଦିନ ଗ୍ରାମବାସୀ ଏକ ଛୋଟ ଚୁଆ ଖୋଳି ସେହି ପାଣି ବ୍ୟବହାର କରୁଛନ୍ତି। ଉକ୍ତ ପାଣି ପିଇବା ଦ୍ୱାରା ବିଭିନ୍ନ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ହେଲେ ଉପାୟ ନ ପାଇ ବାଧହୋଇ ଏହି ଚୁଆ ପାଣି ଭରସାରେ କାଳାତିପାତ କରୁଛନ୍ତି। ପାନୀୟ ଜଳ ସମସ୍ୟା ନେଇ ପ୍ରଶାସନକୁ ଗ୍ରାମବାସୀ ଅବଗତ କରାଇ ପ୍ରତିକାର ପାଇଁ ଅନୁରୋଧ କରିଥିଲେ ମଧ ପ୍ରଶାସନ କୌଣସି ବିକଳ୍ପ ବ୍ୟବସ୍ଥା ଯୋଗାଇ ନ ଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ଥିବା ଏକ ଭଙ୍ଗା ନଳକୂପ ସଜଡ଼ା ଯାଇଥିଲେ ମଧ ସେଥିରୁ କାଦୁଅ ପାଣି ବାହାରୁଛି, ଯାହା ପିଇବା ଉପଯୋଗୀ ନୁହେଁ। ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢୁଥିବାରୁ ପାନୀୟ ଜଳ ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

# ବିଜ୍ଞାନ ମେଳା ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର, ୨।୪(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପ୍ରସ୍ତୁତି ବୈଠକ ଶନିବାର ବଡକୋଦଣ୍ଡା ଜବାହାର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇ। ଏଥିରେ ବିଇଓ ଏସ୍ ଧନଞ୍ଜୟ ଅଧ୍ୟକ୍ଷତା କରିଥିବା ବେଳେ ଏବିଇଓ ସୂର୍ଯ୍ୟ ନାୟକ, ଜବାହାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ପ୍ରମୁଖ ମଞ୍ଚାସୀନ ରହି ଆଗାମୀ ୯ ତାରିଖରେ ଜବାହାର ଉଚ୍ଚ ବିଦ୍ୟାଳୟ ବଡକୋଦଣ୍ଡାରେ ହେବାକୁ ଥିବା ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବିଜ୍ଞାନ ଶିକ୍ଷକମାନେ ଉପସ୍ଥିତ ଥିଲେ । ସିଆର୍‌ସିସି ଆଦିକନ୍ଦ ଗୌଡ, ତ୍ରିନାଥ ବେହେରା, ବୃନ୍ଦାବନ ସେଠୀ, ସୁନିଲ ପାଣି, ରାଘବ ନାୟକ, ସନ୍ତୋଷ କୁମାର ଗୌଡ, ସୁରେନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ସାହୁ ପ୍ରମୁଖ କର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସିଆର୍‌ସିସି ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲେଖକ ଲେଖିକା ପୁସ୍ତକ ଲୋକାର୍ପଣ

ପାରଳାଖେମୁଣ୍ଡି,୨।୪(ଡି.ଏନ୍.ଏ.)

ଉତ୍କଳ ସମ୍ମିଳନୀ ଗଜପତି ଶାଖା ତରଫରୁ ସ୍ଥାନୀୟ ଉତ୍କଳ ହିତୈଶିନୀ ସଭାଗୃହରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇସାରିଛି। ଭାରତ ଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପଣରେ ବିଚିତ୍ରାନନ୍ଦ ବେବର୍ତ୍ତା ଏବଂ ବିନୋଦ ଚନ୍ଦ୍ର ଜେନାଙ୍କ ସମ୍ପାଦନାରେ ଗଜପତି ଜିଲାର ଲେଖକ ଲେଖିକା ପରିଚୟ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବହିଟିକୁ ଲୋକାର୍ପଣ କରିଥିଲେ। ମୁଖ୍ୟ ବକ୍ତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ବକ୍ତା ଡ. ଅଜୟ କୁମାର ତ୍ରିପାଠୀ, ଡ. କଲ୍ୟାଣୀ ମିଶ୍ର, ବିନୋଦ ଚନ୍ଦ୍ର ଜେନା, ବିଚିତ୍ରାନନ୍ଦ ବେବର୍ତ୍ତା, କିରଣ କୁମାର ମହାନ୍ତି ଯୋଗଦେଇଥିଲେ। ତ୍ରିପତି ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ଆଶାଲତା ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ, ମୀନାକୁମାରୀ ଟହଲ ପରିଚୟ ପ୍ରଦାନ କରିଥିଲେ। ଶ୍ୱେତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲସରା ମେଡିକାଲରେ ବିଦ୍ୟୁତ୍ କାଟ୍, ରୋଗୀ ଛଟପଟ



ଅନ୍ଧାରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ପୋଲସରା,୨।୪(ଡି.ଏନ.ଏ.)

ରାଜ୍ୟ ସରକାର ସ୍ୱାସ୍ଥ୍ୟର ବିକାଶକୁ ନେଇ ଚାରିଆଡ଼େ ଡିଣ୍ଡିମ ପିଟୁଛନ୍ତି ସତ କିନ୍ତୁ ପୋଲସରା ମେଡିକାଲରେ ତାହା ପ୍ରହସନ ପାଲଟୁଥିବା ଭଳି ଦୃଶ୍ୟ ନଜରକୁ ଆସିଛି। ରୋଗୀଙ୍କୁ ପରିବାର ଲୋକେ ସାଙ୍ଗରେ ନେଇ ଆସିଲା ବେଳକୁ ଡାକ୍ତର ରହୁନାହାନ୍ତି। ଏପରି କି ମେଡିକାଲରେ ଶୁକ୍ରବାର ସନ୍ଧ୍ୟାରେ ବହୁ ସମୟ ଧରି ଲାଇନ୍ ନ ରହିବାରୁ ପ୍ରତ୍ୟେକ ୱାର୍ଡ ପୂରା ଅନ୍ଧାର ହୋଇପଡିଥିଲା। ଫଳରେ ଚିକିତ୍ସିତ ଅବସ୍ଥାରେ ଥିବା ସମସ୍ତ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଏଭଳି ପରିସ୍ଥିତିରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ କୌଣସି ଡାକ୍ତର କିମ୍ବା କର୍ମଚାରୀଙ୍କ ଦେଖା ଦର୍ଶନ ନ ଥିଲା। ମେଡିକାଲରେ ଏପରି ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଥିଲା। ପୋଲସରା ମେଡିକାଲରେ ବହୁ ଆଗରୁ ଏଭଳି ବିଦ୍ୟୁତ୍ କାଟ୍‌କୁ ନେଇ ସ୍ଥାୟୀ ପ୍ରତିକାର କରିବାର କଥା। ହେଲେ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେଇ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଦେଖିବାକୁ ମିଳୁଛି। ଉତ୍ତମ ଚିକିତ୍ସା ସେବା ଆଶାରେ ପୋଲସରା ମେଡିକାଲକୁ ଦୂରଦୂରାନ୍ତରୁ ଦୈନିକ ବହୁ ରୋଗୀ ଆସୁଥିବା ବେଳେ ଏଠି ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ନାରାୟଣ ସ୍ୱାଇଁଙ୍କୁ ପଚାରିବାରୁ ଡାକ୍ତର ସମସ୍ୟା ନେଇ ଜିଲା ଚିକିତ୍ସା ଅଧିକାରୀଙ୍କୁ ଜଣାଇଛୁ ଏବଂ ବିଦ୍ୟୁତ୍ ଚାଲିଗଲେ ଜେନେରେଟର ଲାଗେ। କିନ୍ତୁ ବେଳେ ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦିଏ ବୋଲି ସେ କହିଥିଲେ।

# ଦିବ୍ୟାଙ୍ଗଙ୍କ ଅଭିଯୋଗ ଶୁଣାଣି ଲାଗି 'ଦିବ୍ୟାଙ୍ଗଜନ ସମାଧାନ'

ଛତ୍ରପୁର,୨।୪(ଡି.ଏନ୍.ଏ.)

## ଡିଆର୍‌ଡିଏ ସମ୍ମିଳନୀ କକ୍ଷର ନାମ 'ଜଉଗଡ଼' କକ୍ଷ ହେଲା


ଜିଲ୍ଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଗଞ୍ଜାମ ଜିଲାର ସମସ୍ତ ଦିବ୍ୟାଙ୍ଗମାନଙ୍କ ମଙ୍ଗଳକର ନିମନ୍ତେ ଅଭିଯୋଗ ଶୁଣାଣି 'ଦିବ୍ୟାଙ୍ଗଜନ ସମାଧାନ' ଗଠନ କରାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଆଭାସୀ ବୈଠକରେ ଜଣାଇଛନ୍ତି। ଏଣିକି ପ୍ରତି ସୋମବାର ଅନୁଷ୍ଠିତ ହେଉଥିବା ଅଭିଯୋଗ ଶୁଣାଣି ସକାଳ ୧୦ଟାରୁ ମଧାହ୍ନ ୧୨ଟା ମଧରେ ସର୍ବପ୍ରଥମେ ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଶୁଣାଯିବ। ଏଥି ନିମନ୍ତେ ଜିଲାର ସମସ୍ତ ବ୍ଲକ, ଉପଖଣ୍ଡ, ବ୍ରହ୍ମପୁର ମହାନଗର ନିଗମର ଜନଶୁଣାଣି ସମୟରେ ଏହାକୁ ଗୁରୁତ୍ୱ ଦେବାକୁ କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷର ନାମ ପରିବର୍ତ୍ତନ କରି ତାହାକୁ 'ଜଉଗଡ' ସମ୍ମିଳନୀ କକ୍ଷ ଭାବରେ ନାମିତ କରାଗଲା। ଏହି ସମ୍ମିଳନୀ କକ୍ଷରେ ପ୍ରତ୍ୟେକ ସୋମବାର ସକାଳ ୧୦ଟାଠାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଶୁଣାଣି ହେବ। ଭଞ୍ଜନଗର ଉପଖଣ୍ଡର ଦିବ୍ୟାଙ୍ଗମାନଙ୍କ ନିମନ୍ତେ ସ୍ଥାୟୀ ମେଡିକାଲ ବୋର୍ଡ ଗଠନ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଭଞ୍ଜନଗର ମେଡିକାଲ ପରିସରରେ କାର୍ଯ୍ୟକାରୀ ହେବ। 'ଦିବ୍ୟାଙ୍ଗଜନ ସମାଧାନ' ଅଭିଯୋଗ ଶୁଣାଣିରେ ଦିବ୍ୟାଙ୍ଗମାନଙ୍କର ସ୍ୱାସ୍ଥ୍ୟ, ପ୍ରମାଣପତ୍ର, ଜୀବନ ଜୀବିକା, ସରକାରୀ ସହାୟତା, ଉପକରଣ ଆବଣ୍ଟନ, ଋଣ ପ୍ରଦାନ, ଶିକ୍ଷା ଇତ୍ୟାଦି ସମ୍ପର୍କରେ ଶୁଣାଣି ହେବ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍, ପ୍ରିୟ ରଞ୍ଜନ ପୃଷ୍ଟି, ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା) ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲାପାଳ ନୀଳ ମାଧବ ଭୋଇ, ଜିଲା ସମାଜ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷା ସଚେତନତା ରଥ ପରିକ୍ରମା

ଧରାକୋଟ/କବିସୂର୍ଯ୍ୟନଗର, ୨।୪(ଡି.ଏନ୍.ଏ.)


କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଓ ଅନ୍ୟମାନେ।

ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷା ସଚେତନା ରଥର ଶୁଭାରମ୍ଭ ହୋଇଥିବା ସହିତ ବ୍ଲକ ଅଞ୍ଚଳରେ ପରିକ୍ରମା କରାଯାଇଛି। ଏଥିରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ କୋରେଶ ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ସଚେତନା ରଥ ପରିକ୍ରମା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୁଇ ବର୍ଷ ଧରି କରୋନା ଯୋଗୁ ସ୍କୁଲ ଗୁଡିକରେ ଶିକ୍ଷାଦାନ ବନ୍ଦ ରହିଥିବାରୁ ଛାତ୍ରୀଛାତ୍ରଙ୍କୁ ପୁଣି ବିଦ୍ୟାଳୟ ମୁହାଁ କରାଇବା ବୋଲି ଶିକ୍ଷା ଅଧିକାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏବିଇଓ ପ୍ରଦିପ କୁମାର ହୋତା, ଏବିଇଓ ବୁଚି ରାଓ ଦୋରା, ଉମାଚରଣ ପାଣିଗ୍ରାହୀଙ୍କ ସମେତ ବ୍ଲକର ସମସ୍ତ ସିଆର୍‌ସିସି ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି କବିସୂର୍ଯ୍ୟନଗର ଗୋଷ୍ଠୀ ଶିକ୍ଷାଧିକାରଙ୍କ କାର୍ଯ୍ୟାଳୟରୁ ଶନିବାର ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। କବିସୂର୍ଯ୍ୟନଗର ଏନ୍ଏସି ଅଧକ୍ଷା ଏସ .ଲକ୍ଷ୍ମୀ ସେଠୀ, ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ବିଡ଼ିଓ ବାସୁଦେବ ନାୟକ, ସିଡିପିଓ ସନ୍ଧ୍ୟାରାଣୀ ମିଶ୍ର, ଏବିଇଂଓ ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏନଏସି ଓ ବ୍ଲକ ଅଞ୍ଚଳର ସମସ୍ତ ୧୪୬ ବିଦ୍ୟାଳୟକୁ ଯାଇ ପିଲା ଓ ଅଭିଭାବକଙ୍କୁ ସଚେତନ କରାଯାଉଛି। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମସ୍ତ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ବା ସିଆରସିସି, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲିଗୁଡା,୨।୪(ଡି.ଏନ.ଏ.)

ଜଣେ ଜଣାଶୁଣା ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ସାହୁଙ୍କର ଶନିବାର ଅକାଳ ବିୟୋଗ ଘଟିଛି। ସେ ଜଣେ କର୍ତ୍ତବ୍ୟ ନିଷ୍ଠ ସମୟାନୁବର୍ତ୍ତିତା ଶିକ୍ଷକ ଥିଲେ। ଜିଲାର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ନିରବଚ୍ଛିନ୍ନ ଭାବେ ଶିକ୍ଷା ଦାନ କରିଥିଲେ। ଗତ କିଛି ମାସ ତଳେ ସେ ଖଜୁରିପଡା ବ୍ଲକରେ ଅବସର ଗ୍ରହଣ କରିଥିଲେ। ତାଙ୍କ ମରଶରୀରକୁ ନିଜ ପୈତୃକ ଗ୍ରାମ ସୋନପୁର ନିଆଯାଇ ସେଠାରେ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁତ୍ର ୟୁଥ ଅଫ କନ୍ଧମାଳ ସଭାପତି ଅଂଶୁମାନ ପ୍ରିୟଦର୍ଶନ ମୁଖାଗ୍ନି ଦେଇଥିଲେ ।

# ଜି.ଉଦୟଗିରି ଆହାର କେନ୍ଦ୍ରର ସପ୍ତମ ବାର୍ଷିକ ଉତ୍ସବ

ଜି.ଉଦୟଗିରି,୨।୪(ଡି.ଏନ.ଏ.)

ଜି.ଉଦୟଗିରି ଆହାର କେନ୍ଦ୍ର ପାଳନ କରିଛି ସପ୍ତମ ବାର୍ଷିକ ଉତ୍ସବ। ଏହି ଆହାର କେନ୍ଦ୍ର ଖୋଲିବାର ସାତବର୍ଷ ପୂର୍ତ୍ତି ହୋଇଛି। ଲକଡାଉନ୍‌ର କିଛି ମାସକୁ ଛାଡି ନିରନ୍ତର ସେବା ଯୋଗାଇ ଆସିଛନ୍ତି ଆହାର କେନ୍ଦ୍ର କର୍ମଚାରୀମାନେ। ନିରନ୍ତର ନିରବଚ୍ଛିନ୍ନ ସେବା ପାଇଁ ପ୍ରଶଂସାର ପାତ୍ର। ଅସହାୟ, ଅକ୍ଷମ, ଛାତ୍ରୀଛାତ୍ର, ଫୁଟପାଥ ବ୍ୟବସାୟୀମାନଙ୍କ ପେଟକୁ ଦାନା ଯୋଗାଇ ଆସୁଛି। ଏବେ ସପ୍ତମ ବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ଏନଏସି ଚେୟାରମ୍ୟାନ ଭାନୁପ୍ରଭା ମିଶ୍ର, ଜି.ଉଦୟଗିରି ବିଡିଓ ଆଶିଷ କୁମାର ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀଙ୍କ ସମେତ କର୍ମଚାରୀ ସରିତା ରଥ, କମୁନାଥ ପାଣିଗ୍ରାହୀ, କାଉନସିଲର ଦୀପକ ନାୟକ, ସଙ୍ଗୀତା ନାୟକ, କୁନ୍ତିମା ମଲ୍ଲିକ, ଲକ୍ଷ୍ମୀପ୍ରିୟା ପରିଛା, ମୋନାଲିସା ଦଳ ବେହେରା, ଭାରତୀ ବେହେରା, ନିଶା ରାଣୀ ନାୟକ, ଲିପିକା ପ୍ରଧାନ, ଯାକେସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଆହାର ପରିବେଷଣ କରିବା ସହିତ ୫ ଟଙ୍କା କୁପନ କିଣି ସମସ୍ତେ ଆହାର କେନ୍ଦ୍ରରେ ଆହାର କରିଥିଲେ।

# ଅବ୍ୟବସ୍ଥା ଘେରରେ ପି.ଅନ୍ତରଡ଼ା ବିଦ୍ୟାଳୟ

ନୂଆଗଡ଼,୨।୪

ସରକାର ପିଲାଙ୍କ ପାଠପଢ଼ାକୁ ନେଇ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ କରିଛନ୍ତି। କିନ୍ତୁ ଏଭଳି ଏକ ଅସୁରକ୍ଷିତ ବିଦ୍ୟାଳୟ ରହିଛି, ଯେଉଁଠାରେ ପିଲାମାନେ ପାଠ ପଢ଼ି ନିଜ ଭବିଷ୍ୟତ ଗଢ଼ିବାର ଆଶା ରଖିଛନ୍ତି। ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ପି.ଅନ୍ତରଡା ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ନୂଆଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ନୂଆଗଡ଼ ସଦରଠାରୁ ପି.ଅନ୍ତରଡା ଗ୍ରାମକୁ ପ୍ରାୟ ୭ କିମି ଦୂର। ଏହି ଗ୍ରାମ ପାହାଡ଼ ଜଙ୍ଗଲଘେରା ଉପାନ୍ତ ଅଞ୍ଚଳରେ ରହିଥିବାରୁ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଥିବା ମନେହେଉଛି। ବିଦ୍ୟାଳୟରେ ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ରହିଥିବା ବେଳେ ୧୫୫ ଜଣ ଛାତ୍ରୀଛାତ୍ର ପଢ଼ିବା ପାଇଁ ବିଦ୍ୟାଳୟକୁ ଆସୁଛନ୍ତି। ୯ମ ଏବଂ ୧୦ମ ଶ୍ରେଣୀରେ ମୋଟ ୨୨ ଛାତ୍ରୀଛାତ୍ର ପଢୁଥିବା ବେଳେ ୧୨୩ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ପଢୁଥିବା ଜଣାପଡ଼ିଛି। ୧୯୫୮ରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ବିଦ୍ୟାଳୟଟି ସେ ସମୟରେ ପଥରରେ ତିଆରି ହୋଇଥିବା ବେଳେ ବର୍ତ୍ତମାନ ମୁଣ୍ଡ ଉପରେ ଥିବା ଛାତରୁ ଛେଲା ଛେଲା ସିମେଣ୍ଟ ବାହାରି ଛାତର ଛଡ଼ ଦେଖାଯାଉଛି। ବିଦ୍ୟାଳୟରେ ରହିଛି ଏକ ଛାତ୍ରାବାସ। ମାତ୍ର ଛାତ୍ରାବାସ, ଶ୍ରେଣୀଗୃହ ଓ ପାଇଖାନା ଛାତରୁ ସିମେଣ୍ଟ ବାହାରି ରଡ୍ ଦେଖାଯାଉଛି। ପ୍ରଥମରୁ ଦଶମ ଯାଏ ପାଠ ପଢିବା ପାଇଁ ଶ୍ରେଣୀକକ୍ଷ ବି ନାହିଁ। କିଛି ପିଲା ବାରଣ୍ଡାରେ ବସି ପଢୁଥିବା ବେଳେ ଖେଳପଡିଆର ମଧ ଅଭାବ ରହିଛି। ସେହିପରି ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାରୁ ପଢ଼ାରେ ବହୁ ଅସୁବିଧା ହେଉଥିବା ପିଲାମାନେ କହିଛନ୍ତି। ଅନ୍ୟପଟେ ଶିକ୍ଷକ ଅଭାବରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ର ଚିନ୍ତାରେ। ଶିକ୍ଷକ ଅଭାବ ଏବେ ମନକୁ ଆନ୍ଦୋଳିତ କରୁଛି। ଏ ନେଇ ଅଭିଭାବକଙ୍କ ଚିନ୍ତା ମୋ ପିଲା କେମିତି ସୁରକ୍ଷିତ ରହି ଭଲ ନମ୍ବର ରଖି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ଲାଭ କରିବ। ଗ୍ରାମବାସୀଙ୍କ ସୂଚନାନୁସାରେ, ବିଦ୍ୟାଳୟ ସମସ୍ୟାକୁ ନେଇ ଅନେକଥର ବିଭିନ୍ନ ରାଜନୈତିକ ମହଲ ଏବଂ ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଥିପାଇଁ ନବନିର୍ବାଚିତ ସମସ୍ତ ପ୍ରାର୍ଥୀ ଅଞ୍ଚଳର ବିକାଶ କରିବେ ବୋଲି ଆଶା ରଖି ବ୍ଲକ ଅଧକ୍ଷା, ଜିଲା ପରିଷଦ, ଉପାଧକ୍ଷଙ୍କୁ ଡାକି ବିଦ୍ୟାଳୟର ସମସ୍ୟାକୁ ଦେଖାଇଛନ୍ତି। ତେବେ ବିଦ୍ୟାଳୟର ସ୍ଥିତି ସୁଧାରିବା ସହ ଅଞ୍ଚଳର ବିକାଶ ପାଇଁ କି କି ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଛି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**୩ଦିନ ପରେ ନାହିଁ କାର୍ଯ୍ୟାନୁଷ୍ଠାନ**

**ନୟାଗଡ଼ ଅଫିସ,୨।୪:** ନୟାଗଡ଼ ଜିଲା ଗୋଡ଼ିପଡ଼ା ଫାଣ୍ଡି ଭାଲିଆଡିହିରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ପୀଡ଼ିତା ଗୋଡ଼ିପଡ଼ା ଫାଣ୍ଡି ଅଧିକାରୀ, ଶରଣକୁଳ ଥାନା ଆଇଆଇସି,ନୟାଗଡ଼ ଏସ୍‌ପି, ଶରଣକୁଳ ଏସ୍‌ଡିପିଓ, ଡିଜି,୫-ଟି ସଚିବଙ୍କୁ ଫେରାଦ୍ ହୋଇଛନ୍ତି । ଘଟଣା ଘଟିବାର ୩ ଦିନ ବିତି ଥିଲେ ମଧ ପୋଲିସ ମାମଲା ରୁଜୁ କରି ନ ଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ମହିଳାଙ୍କ ସ୍ୱାମୀ ଗାଁ ସଭାକୁ ଯାଇଥିଲେ । ଘରେ କେହି ନ ଥିବା ସୁଯୋଗ ନେଇ ୨ଜଣ ବ୍ୟକ୍ତି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ମିଳିନି ବୋଲି କହିଛନ୍ତି । ଭାଲିଆଡିହିରେ ବିବାଦ ଲାଗି ରହିଛି । ପୋଲିସ ଏହାର ଅନୁଧ୍ୟାନ କରୁଛି । ଯଦି ବଳାତ୍କାର ଅଭିଯୋଗ ମିଳେ ପୋଲିସ ଏହାର ତଦନ୍ତ କରି ପଦକ୍ଷେପ ନେବ ବୋଲି ସେ କହିଛନ୍ତି ।

### ଚନ୍ଦ୍ରକାନ୍ତ ଏମ୍‌ପିଙ୍କ ନୂଆ ପ୍ରତିନିଧି

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ କଟକ ଲୋକ ସଭା ସଦସ୍ୟ ଭର୍ତ୍ତୃହରି ମହତାବଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଭାବେ ନିଯୁକ୍ତି ପାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ବଳିଆରସିଂଙ୍କୁ ପ୍ରତିନିଧି ଦାୟିତ୍ୱ ପ୍ରଦାନ ପରେ କିଆଝର ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

### ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥିତି ସମୀକ୍ଷା କଲେ ସରପଞ୍ଚ



**ଓଡଗାଁ,୨।୪(ସ୍ୱ.ପ୍ର.):** ଶନିବାର ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ନିଜ ପ୍ରତିଶ୍ରୁତି ରକ୍ଷା କରି ନିଜ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ସ୍କୁଲ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି । ସେ ପିଲାଙ୍କ ସହିତ ତଳେ ବସି ପାଠ ପଢ଼ା ତଦାରଖ କରିଥିଲେ । ସ୍କୁଲ ପରିବେଶ, ପାନୀୟ ଜଳ, ମଧ୍ୟାହ୍ନ ଭୋଜନ, ଶିକ୍ଷାଦାନ ସହିତ ଶିକ୍ଷକଙ୍କ ଉପସ୍ଥାପନ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ପୂର୍ବରୁ ସେ ଯୋଗ୍ୟ ଓ ଅବହେଳିତ ହିତାଧିକାରୀଙ୍କୁ ଚିହ୍ନଟ କରିବା ସହିତ ବ୍ଲକ ତଥା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଆଗାମୀ ଦିନରେ ହିତାଧିକାରୀଙ୍କ ଘର ପାଖରେ ଖାଉଟି ସାମଗ୍ରୀ ବିତରଣ କରିବାକୁ ସେ ଉଦ୍ୟମ କରୁଥିବା କହିଛନ୍ତି ।

# ବଢ଼ିଛି କଳେବର, ବିକାଶ ଅଧୁରା

**ନୟାଗଡ଼ ଅଫିସ,୨।୪**

୨୦୨୨ ଏପ୍ରିଲ ୨କୁ ନୟାଗଡ଼ ଜିଲା ଗଠନର ୨୯ ବର୍ଷ ପୂରିଛି। ଇତିମଧ୍ୟରେ ଜିଲାର କଳେବର ମଧ ବଢ଼ିଛି। ପୁରୀ ଜିଲାରୁ ପୃଥକ୍ ହେବା ପରେ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିଛି । ହେଲେ ବିକାଶ ଏଠି ଏବେ ବି ଅଧୁରା ରହିଛି। ପ୍ରଶାସନିକସ୍ତରରେ ନୂଆ ରାଜସ୍ୱ ସବ୍‌ଡିଭିଜନ କାର୍ଯ୍ୟାଳୟ ଖୋଲିପାରିଲା ନାହିଁ। ଜିଲା ଗଠନ ପରଠାରୁ ନୟାଗଡ଼ ରାଜସ୍ୱ ସବ୍‌ଡିଭିଜନରେ ବିକାଶ ଅଟକି ରହିଛି । ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ାରେ ରାଜସ୍ୱ ସବ୍‌ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି ହୋଇ ଆସୁଛି। ଗୋଡ଼ିପଡ଼ାରେ ବ୍ଲକ ଓ ତହସିଲ ପାଇଁ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାବି ହୋଇଆସୁଥିଲେ ମଧ୍ୟ କେନ୍ଦ୍ର କି ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଜିଲାର ଶରଣକୁଳ, କଣ୍ଟିଲୋ, ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି ହୋଇଆସୁଥିଲେ ମଧ ଏହାକୁ ଅଣଦେଖା କରାଯାଉଛି।

ଜିଲା ସଦର ମହକୁମା ପ୍ଲାନିଂ ଅନୁସାରେ ହୋଇ ନ ଥିବାରୁ ଏହାର ନବ କଳେବରର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ସବ୍‌ଡିଭିଜନ ହସ୍ପିଟାଲ ଥିବାବେଳେ ଭଲ ସେବା ମିଳୁଥିଲା। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟ ହେବା ପରେ ଡାକ୍ତର ଅଭାବ ଦୂର ହୋଇପାରିନାହିଁ। ପୁଣି ବିନା ହାତଗୁଞ୍ଜାରେ ଚିକିତ୍ସା ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଛି। ଏବେ ଜିଲା ମୁଖ୍ୟ ଚିକିତ୍ସାଳୟ ରେଫେରାଲ ହସ୍ପିଟାଲରେ ପରିଣତ ହୋଇଛି । ସେହିଭଳି କିଡ୍‌ନୀ, ହାର୍ଟ, ବ୍ରେନ୍, ଲିଭରଜନିତ ରୋଗ ପାଇଁ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତି ହୋଇନାହାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଲାନାହିଁ । ଶିକ୍ଷାକ୍ଷେତ୍ର ଲାଗି ଏଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି । ନୟାଗଡ଼ ମହାବିଦ୍ୟାଳୟରୁ ସ୍ୱୟଂଶାସିତ ମାନ୍ୟତା କଟିଯାଇଥିଲେ ମଧ ଏହାର ପ୍ରତିକାର ହେଉନାହିଁ। ହାଇସ୍କୁଲରେ ଶିକ୍ଷକ ପଦବୀ ଖାଲିପଡିଛି। ମହାନଦୀ, ବୃତ୍ତଙ୍ଗ ପରି ଅନେକ ଛୋଟ ବଡ଼ ନଦୀ ଥାଇ ବି ଜିଲାରେ ଜଳସେଚନ ବ୍ୟବସ୍ଥା ବାଟବଣା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଏଠାର ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭରଶୀଳ । ପୁଣି ଶିଳ୍ପ ତାଲିକାରୁ ନୟାଗଡ଼ର ନାମ ଲିଭିଯାଇଛି। ଚିନିକଳରେ ତାଲା ପଡ଼ିବା ପରେ ଏହି ମାନ୍ୟତା ହଜିଛି। ଚିନିକଳ ବନ୍ଦ ଯୋଗୁ ଜିଲାର ଆଖୁ ଚାଷୀମାନେ ଏବେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି । ଚାଷୀଙ୍କ ପାଇଁ ନୂଆ



ନୟାଗଡ଼ ସହର।

### ନୟାଗଡ଼ ଜିଲା ଗଠନର ୨୯ ବର୍ଷ

ଚିନିକଳର ଆବଶ୍ୟକତା ଦେଖାଦେଇଛି। ଶୀତଳଭଣ୍ଡାର ଅଭାବ ସହିତ ପାନୀୟ ଜଳ ସଙ୍କଟର ସମାଧାନ ନାହିଁ। ଗ୍ରୀଷ୍ମଋତୁରେ ପାନୀୟ ଜଳ ସଙ୍କଟକୁ ଦୂର ପାଇଁ ଆନ୍ତରିକତା ନାହିଁ। ଲଘୁ ଖଣିଜ ସମ୍ପଦ ଓ ଚୋରାକାଠ ବ୍ୟବସାୟୀଙ୍କ ଉତ୍ପାତ ବଢ଼ିଛି । ବ୍ରାଉନ୍‌ସୁଗାର, ମଦ ଓ କଫ୍ ସିରପ୍ କାରବାର ବଢ଼ିଛି। ଗୋଚାଲାଣ ଉପରେ ଲଗାମ ନାହିଁ । ଥାନା କି ଫାଣ୍ଡିରୁ ଲୋକେ ନ୍ୟାୟ ପାଉ ନ ଥିବା ଅଭିଯୋଗ ହୋଇଆସୁଛି । ଅପରପକ୍ଷେ ନ୍ୟାୟିକ ବ୍ୟବସ୍ଥାରେ ଉପଯୁକ୍ତ ଭିତ୍ତିଭୂମି ମିଳିପାରିଛି ବୋଲି ଆଇନଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷେ ଜିଲା ଗଠନ ୧୯୯୩ ଏପ୍ରିଲ ୨ରେ ହୋଇଥିଲା । ଗୁଗୁଲ ସର୍ଚ୍ଚ କଲେ ତାହା ୧୯୯୩ ଏପ୍ରିଲ ୧ ବୋଲି ଉଲ୍ଲେଖ ରହିଛି । ଏହା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏ ନେଇ ନୟାଗଡ଼ର ସାହିତ୍ୟିକ ବିଶ୍ୱନାଥ ମହାପାତ୍ର, ମନୋଜ ମିଶ୍ର ଓ ଖବରଦାତା ରାମକୃଷ୍ଣ ରଥ କୁହନ୍ତି, ଜିଲା ପ୍ରତିଷ୍ଠା ତାରିଖର ତ୍ରୁଟିକୁ ତୁରନ୍ତ ସଂଶୋଧନ କରାଯାଉ, ନ ହେଲେ ଦୁଇଟି ତାରିଖ ଭ୍ରମ ସୃଷ୍ଟି କରିବ। ଏ ନେଇ ଜିଲାପାଳ ପୋମା ଟୁଡୁ କୁହନ୍ତି, ନୟାଗଡ଼ ଜିଲା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅର୍ଥନୀତି କ୍ଷେତ୍ରରେ ବିକାଶ କରିଛି। ଜିଲାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇ ଲୋକଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରଚେଷ୍ଟା ଜାରି ରହିଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୨।୪**

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଯୁବନୀତି-୨୦୧୩ ଅନୁଯାୟୀ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟର ୨୦୨୧-୨୨ ଶିକ୍ଷାବର୍ଷରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଶନିବାର ଦିନଠାରୁ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଗଗନ ବିହାରୀ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଶିବିରକୁ ପରିଚାଳନା କରିଥିଲେ ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତ୍ସ୍ନା ମଞ୍ଜରୀ ବାରିକ ଓ ନିବେଦିତା ବେହେରା। ବାଳିକାମାନଙ୍କୁ ତାଲିମ ପ୍ରଦାନ କରିଥିଲେ ପ୍ରଶିକ୍ଷିକା କରିନା ପ୍ରଧାନ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା,ଅଧ୍ୟାପକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି ଶିବିର ୮ଦିନ ଚାଲିବ ବୋଲି ସୂଚନା ମିଳିଛି ।



ତାଲିମ ନେଉଥିବା ଛାତ୍ରୀମାନେ।

## ଯାତ୍ରୀବାହୀ ବସ୍ ସହ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଧକ୍କା

### ଜଣେ ମୃତ, ୨୦ ଆହତ

**ଦଶପଲ୍ଲା,୨।୪(ଡି.ଏନ.ଏ.)**

ଶନିବାର ଦିନ ପ୍ରାୟ ୧୨ଟା ସମୟରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଟାକେରା ଘାଟି ଉପରେ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ସହିତ ,ଓଡ଼ିଶା ପରିବହନ ନିଗମର ଜଟଣୀ-କନ୍ଧମାଳ ଯାତ୍ରୀବାହୀ ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଟ୍ରକ ଚାଳକ ନାମ ସୁବାସ ଚନ୍ଦ୍ର ରାଉତ, ତାଙ୍କ ଘର କଟକ ଜିଲା ବୈଦ୍ୟେଶ୍ୱର ଥାନା ଅଧୀନ ରାଜିବଗୋଲଗଣ୍ଡା। ବସ୍ ଚାଳକଙ୍କ ଅବସ୍ଥା ଗୁରୁତର ଅଛି । ଅନ୍ୟ ୨୦ଜଣ ଯାତ୍ରୀ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି । ସ୍ଥାନୀୟ ଯୁବକ, ଅଗ୍ନିଶମ କର୍ମଚାରୀ ଓ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଏହି ଦୁର୍ଘଟଣା ପରେ କିଛି ସମୟ ପାଇଁ ସେହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।



ଖଣ୍ଡପଡ଼ାରେ ବାଲୁକା ଶିଳ୍ପୀ ପ୍ରଶାନ୍ତ ସାହୁଙ୍କ ଦ୍ୱାରା ନିର୍ମିତ ଶ୍ରୀଜଗନ୍ନାଥଙ୍କ ବାଲୁକା କଳା।

## ନୟାଗଡ଼ ବନ୍ଦନା ମନ ମୋହିଲା

**ନୟାଗଡ଼ ଅଫିସ,୨।୪**

ଜିଲାସଦର ମହକୁମାର ଖେଳପଡ଼ିଆରେ ନୟାଗଡ଼ ଜିଲାସ୍ତରୀୟ ଓଡିଶା ଦିବସରୁ ଜିଲା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଶନିବାର ଜିଲା ପ୍ରତିଷ୍ଠା ଦିବସ ଉଦ୍‌ଘାଟନ ହୋଇଛି। ଉଦ୍‌ଘାଟନୀ ଦିବସରେ ନୟାଗଡ଼ ବନ୍ଦନା ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା । ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ,ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ନିରୁପମା ଖଟେଇ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ ମଞ୍ଚ ପରିଚାଳନା କରିଥିଲେ । ବର୍ଷା ଡ୍ୟାନ୍ସ ଗ୍ରୁପ ନୟାଗଡ଼ ପକ୍ଷରୁ ନୟାଗଡ଼ ବନ୍ଦନା ଆବୃତ୍ତି କରାଯାଇଥିଲା। ଏଥିରେ କଳାକାରମାନେ ଜିଲାର କଳା,ସଂସ୍କୃତି,ଐତିହ୍ୟକୁ ବର୍ଣ୍ଣନା କରିଥିଲେ। ସେହିଭଳି ଆରଡିଏକ୍ସ ଡ୍ୟାନ୍ସ ଗ୍ରୁପ କଟକ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା । ସମ୍ରାଟ ଚକ୍ରବର୍ତ୍ତୀ, ଇପ୍‌ସିତା ପଣ୍ଡା, ସାଇଶ୍ରୀ ମହାନ୍ତି, ସଙ୍ଗୀତା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ଦର୍ଶକଙ୍କୁ ବେଶ ଆନନ୍ଦ ଦେଇଥିଲା। ଆଙ୍କରିଂ କରିଥିଲେ ଶରତ ଚନ୍ଦ୍ର ଆଚାର୍ଯ୍ୟ. ପ୍ରଦୀପ୍ତ ରଥ ଓ ଅଂଶୁମାନ ରାୟ ସମ୍ରାଟ ।




ଜିଲା ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ସାଂସ୍କୃତି କାର୍ଯ୍ୟକ୍ରମ।

### ଜିଲା ପ୍ରତିଷ୍ଠା ଦିବସ ଉଦ୍‌ଘାଟିତ

**ଖବରଦାତାଙ୍କୁ ଅଣଦେଖା**

ଜିଲାପ୍ରତିଷ୍ଠା ଦିବସରେ ଖବରଦାତାଙ୍କ ପାଇଁ ବସିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ହେଲେ ଖବରଦାତାଙ୍କ ସିଟ୍‌ରେ ଅନ୍ୟମାନେ ଅକ୍ତିଆର କରି ବସି ରହୁଛନ୍ତି । ଖବରଦାତା ଫଟୋ ଉଠାଇ ଭିଜୁଆଲ ସଂଗ୍ରହ କରି ସିଟ୍‌କୁ ଫେରିବାବେଳେ ସିଟ୍ ମିଳୁନି । ଏନେଇ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ସାହୁଙ୍କୁ କୁହାଯିବାପରେ ଦ୍ୱିତୀୟ ଦିନ ଅସୁବିଧା ହେବନି କହିଥିଲେ। ହେଲେ ପ୍ରଥମ ଦିବସ ପରି ୨ୟ ଦିନରେ ବି ଅବ୍ୟବସ୍ଥା ଲାଗି ରହିଥିଲା । ଜିଲା ପରିଷଦ ସଭ୍ୟଙ୍କ ବସିବା ପାଇଁ ଅନୁରୂପ ଭାବେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଏଥିରେ ଜିଲାପରିଷଦ ସଭ୍ୟ ଓ ସେମାନଙ୍କ ପରିବାର ବସି ମଜା ନେଉଛନ୍ତି । ହେଲେ ଖବରଦାତାଙ୍କୁ ଅଣଦେଖା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା ।

**ଅଧିକାଂଶ ଅତିଥି ଅନୁପସ୍ଥିତ**

ଜିଲା ପ୍ରତିଷ୍ଠା ଦିବସ ହେଉ କି ଓଡିଶା ଦିବସ ହେଉ ପ୍ରଶାସନ ପକ୍ଷରୁ ବଣ୍ଟନ ହୋଇଥିବା ନିମନ୍ତ୍ରଣ ପତ୍ରରେ ଅନେକ ଅତିଥିଙ୍କ ନାମ ରହିଛି । ହେଲେ ସେମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାହାନ୍ତି। ବିଶେଷ କରି ପୁରୀ ଏମ୍‌ପି ପିନାକୀ ମିଶ୍ର, କଟକ ଏମ୍‌ପି ଭର୍ତ୍ତୃହରୀ ମହାତାବ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ,ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କୁ ମଞ୍ଚରେ ଦେଖିବାକୁ ମିଳିନି । ପୁଣି ଖାଦ୍ୟପେୟ ଷ୍ଟଲ ସ୍ୱଳ୍ପ ପଡିଛି । ଯାହାକି ଲୋକଙ୍କ ଆବଶ୍ୟକତା ପୂରଣ କରି ପାରୁନି ।

## ଖଣ୍ଡପଡ଼ାରେ ଦଣ୍ଡପର୍ବ, ଉତ୍ସବ ମୁଖର ଦେବଦେବୀ ପୀଠ

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.)**

ଖଣ୍ଡପଡ଼ାର ବିଭିନ୍ନ ଶୈବପୀଠ ଓ ଦେବାଦେବୀ ପୀଠ ଦଣ୍ଡପର୍ବକୁ ନେଇ ଉତ୍ସବ ମୁଖର ହୋଇଛି । ବିଭିନ୍ନ ସ୍ଥାନରେ ଶତାଧିକ ମାନସିକଧାରୀ ଏହି ଦଣ୍ଡପର୍ବରେ ସାମିଲ ହୋଇଛନ୍ତି । ଖଣ୍ଡପଡ଼ା ସହର ସମେତ ଆଖପାଖ ଗାଁ,ଗଣ୍ଡାରେ ଦଣ୍ଡପର୍ବ ଯୋଗୁ ଏବେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । କେତେକ ଦେବାଦେବୀ ପୀଠରେ ୨୧ ଦିନ ଧରି ଦଣ୍ଡପର୍ବ ପାଳିତ ହେଉଥିବା ବେଳେ ଅନ୍ୟ ପୀଠରେ ୧୭ ଦିନ ଧରି ଦଣ୍ଡପର୍ବ ପାଳିତ ହେଉଛି । ଖଣ୍ଡପଡ଼ା ସହରର ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ଖଳିସାହିସ୍ଥିତ ପ୍ରସିଦ୍ଧ ଶୈବପୀଠ, ବୋଦସାସ୍ଥିତ ବାବା ବାଲୁଙ୍କେଶ୍ୱରଦେବଙ୍କ ପୀଠ ସମେତ ଆଖପାଖ ଗ୍ରାମର ଦେବାଦେବୀଙ୍କ ପୀଠରେ ଦଣ୍ଡୁଆମାନେ ମନସ୍କାମନା ପୂର୍ଣ୍ଣ ନିମନ୍ତେ ମାନସିକ କରି ବ୍ରତଧାରଣ କରିଛନ୍ତି । ପ୍ରତ୍ୟେହ ଅପରାହ୍ନରେ ନଦୀପଠା, ପୋଖରୀ ତୁଠରେ ଦଣ୍ଡୁଆମାନେ ସ୍ନାନସାରି ମା'ଦଣ୍ଡକାଳୀଙ୍କୁ ପୂଜାର୍ଚ୍ଚନା କରିବାପରେ ମା'ଙ୍କ ପାଟଦଣ୍ଡୁଆ ଉଭା ହୋଇଥାଏ । ଉଭାପର୍ବ ଦେଖିବା ନିମନ୍ତେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ସେହିପରି କଣ୍ଟିଲୋ ଗ୍ରାମର ୩ଟି ଦଣ୍ଡ କୋଠି ସମେତ ଆଖପାଖ ଗ୍ରାମ ବଡ଼ବାଣପୁର, ଘଣାଶାଳିଆ, ଲକ୍ଷ୍ମୀପ୍ରସାଦ, ମାଧପୁର, କଳପଙ୍ଗି, ଧାନଚାଙ୍ଗଡା ଆଦି ଗ୍ରାମରେ ଅତ୍ୟନ୍ତ ନିଷ୍ଠାର ସହ ଏହି ପର୍ବ ପାଳନ ହେଉଥିବା ପରିଲକ୍ଷିତ ହୋଇଛି ।

## ସକାଳୁଆ ସ୍କୁଲ ଆରମ୍ଭ



ସ୍କୁଲରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଛନ୍ତି।

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଶନିବାରଠାରୁ ସକାଳୁଆ ସ୍କୁଲ ଆରମ୍ଭ ହୋଇଛି । ଅପର ପକ୍ଷେ କରୋନା କଟକଣା

### ମଧ୍ୟାହ୍ନଭୋଜନ ଖାଇଲେ ଛାତ୍ରୀଛାତ୍ର

ଯୋଗୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ରହିଥିଲା। ଶନିବାରଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ପରଷା ଯାଇଛି । ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ପିଲାମାନେ ଆଗ୍ରହର ସହ ସ୍କୁଲକୁ ଆସିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ସକାଳ ସାଢେ ୬ଟାରେ ସ୍କୁଲକୁ ଆସିଥିଲେ। ସକାଳ ୧୦ଟାରେ ସେମାନଙ୍କ ଲାଗି ସ୍କୁଲ ଛୁଟି ହୋଇଥିଲା। ସେହିପରି ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ହୋଇଥିଲା । ଖଣ୍ଡପଡ଼ାର କେତେକ ଶିକ୍ଷାନୁଷ୍ଠାନରେ ପ୍ରାର୍ଥନା ପରେ ବିଦ୍ୟାଳୟ ପରିସରରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସମ୍ପାଦନ କରାଯାଇଥିବା ଖବର ମିଳିଛି ।

## ରାମଚନ୍ଦ୍ର ସ୍କୁଲର ପ୍ଲାଟିନମ ଜୁବିଲି ଉତ୍ସବ ଉଦ୍‌ଘାଟିତ

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସବ ଶନିବାର ଆରମ୍ଭ ହୋଇଛି । ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ଏମ୍‌ପି ଭର୍ତ୍ତୃହରି ମହତାବ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରୀୟ ପ୍ରତ୍ୟକ୍ଷକର ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ ।

ପ୍ରାରମ୍ଭରେ ପ୍ଲାଟିନମ ଜୟନ୍ତୀ କମିଟି ଉପସଭାପତି ଭାରତୀ ଭୂଷଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ପ୍ଲାଟିନମ ଜୟନ୍ତୀ କମିଟି ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହାପରେ ଅତିଥିମାନଙ୍କ ଦ୍ୱାରା ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ, ମଧୁସୂଦନ ଦାସ, ଯଦୁମଣି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ ହେଉଛି।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଦି ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସ, ମୂର୍ଚ୍ଛନା ସାଂସ୍କୃତିକ ପରିଷଦର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ଓ ବଂଶୀବାଦନ ଏବଂ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା । ଭବାନୀପାଟଣା ଅଞ୍ଚଳର କଳାକାରମାନେ ବାଜାଶାଳା ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ସ୍ଥାପିତ ସ୍ମାର୍ଟ ଲାଇବ୍ରେରିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ଓଡ଼ିଶାର ସୁନାମଧନ୍ୟ ଚିତ୍ରଶିଳ୍ପୀ ତଥା ଅବସରପ୍ରାପ୍ତ କଳାଶିକ୍ଷକ ଲଡୁକିଶୋର ସିଂସାମନ୍ତଙ୍କ ତତ୍ତ୍ୱାବଧାନରେ ଏକ ଚିତ୍ରକଳା ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା ।